## ଗାଡ଼ି ଚାପାରେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ

ଗୋଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଖମାରହଳଦୀ ନିକଟରେ ଗାଡି ଚାପାରେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ସ୍ଥାନୀୟ ବ୍ରାହ୍ମଣ ଛେଣ୍ଡିଆର ଚମାର ନିଆଲ। ବିଜୁ ଏକ୍ସପ୍ରେସ ରାସ୍ତା ମାଟି ସମତୁଲ କରୁଥିବା ସମୟରେ ମାଟି ସମତୁଲ କରୁଥିବା ଗାଡ଼ି ଚାପାରେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବିରେ ପରିବାର ଲୋକେ ଗୋଲାମୁଣ୍ଡା-ସିନାପାଲି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଅନ୍ୟପଟେ ଏହା ଦୁର୍ଘଟଣା ନୁହଁ ଏକ ହତ୍ୟା ବୋଲି ପରିବାର ଲୋକେ ଅଭିଯୋଗ କରୁଛନ୍ତି। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଯାପିତ

■ରାଜ୍ୟରେ କଳାହାଣ୍ଡି ଜିଲା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି
■ହ୍ୟୁମାନ ସାଗର ଓ ସାଥୀଙ୍କ ଗୀତରେ ଝୁମିଲେ ଦର୍ଶକ

ଭବାନୀପାଟଣା,୧୭।୧(ସ୍ୱ.ପ୍ର.)

କଳାହାଣ୍ଡି ଉତ୍ସବ ଘୁମୁରା ଯୋଗୁ ଭଳି କି ଭଳି କଳା ଓ ସଂସ୍କୃତିର ମହାମଳିନ ହୋଇଛି। ୪ ଦିନର ଏହି ମହୋତ୍ସବ ସମସ୍ତଙ୍କ ହୃଦୟକୁ ଛୁଇଁଛି। ଜିଲା ତଥା ଜିଲା ବାହାର ହଜାର ହଜାର ଦର୍ଶକଙ୍କ ସମାଗମ ଓ ରାଜ୍ୟ ତଥା ରାଜ୍ୟ ବାହାରର କଳା, ସଂସ୍କୃତି ନିଆରା ପରମ୍ପରାରେ ଏହି ମହାସଙ୍ଗମ ୪ଦିନ ଅଭୁଲା ସ୍ମୃତି ହୋଇ ରହିଯିବ ବୋଲି ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ୨୫ତମ ଜିଲାସ୍ତରୀୟ କଳାହାଣ୍ଡି ଘୁମୁରା ଉତ୍ସବର ମଙ୍ଗଳବାର ଉଦ୍‌ଯାପନୀରେ ଅତିଥିମାନେ କହିଛନ୍ତି। ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଦସ୍ୟ ସୁଜିତ କୁମାର ଯୋଗଦେଇ ଜିଲାର ବିକାଶ ପାଇଁ ଦିଲ୍ଲୀ ଦରବାରରେ ମୋର ଲଢେଇ ଜାରି ରହିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ଓ ନିଷ୍ଠା ଯୋଗୁ କଳାହାଣ୍ଡି ଜିଲା ଆଜି ଏକ ଉନ୍ନତ, ବିକଶିତ ଓ ସାବଲମ୍ବୀ ଜିଲା ଭାବେ ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବେଦାନ୍ତ ଆଲୁମିନା ଡେପୁଟି ସିଇଓ ଜି.ଜି. ପାଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାୱାର ସଚିନ ପ୍ରକାଶ, ଭାରତୀୟ ବନସେବାର ଅଧିକାରୀ ଅନୁରାଗ, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ପ୍ରମୁଖ ଯୋଗଦେଇଥିଲେ। ସଭା ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ର ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖୀନ ଅବଦାନ ପାଇଁ ଅନେକ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ଶହୀଦ ରେଣ୍ଡୋ ମାଝି ମଞ୍ଚ ଓ ପାରବା ମଞ୍ଚରେ ଜିଲା ତଥା ଜିଲା ବାହାରର କଳାକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ଓଡିଶୀ, ଲୋକନୃତ୍ୟ, ଗୋଟିପୁଅ, ବଜାଶାଲ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ଝାଡଖଣ୍ଡର ପାଇକିଆ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଶହୀଦ ରେଣ୍ଡୋ ମାଝି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନସ ରଞ୍ଜନ ପଣ୍ଡା, ଲୋଚନୀ ବାଗ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସସ୍ମିତା ସିଂହ, ସୁଶୀଲ ଗହୀର, ଲିପ୍ସା ମହାରଣା ପ୍ରମୁଖ ପରିଚାଳନା କରିଥିଲେ। ପାରବା ମଞ୍ଚରେ ଆଶୁତୋଷ ପୁରୋହିତ, ହେମନ୍ତ ସାହୁ, ବିକାଶ ରଞ୍ଜନ ମୁଣ୍ଡ, ଦିପ୍ତିମୟୀ ସିଂହ, ଡିଲେଶ୍ୱର ରଣା, ସାବିତ୍ରୀ ମହାରଣା, ରାମେଶ୍ୱର ତ୍ରିପାଠୀ, ସସ୍ମିତା ରାଉତ ପ୍ରମୁଖ ପରିଚାଳନା କରିଥିଲେ। ଓଡିଶାର ସୁନାମଧନ୍ୟ ଗାୟକ ହ୍ୟୁମାନ ସାଗର ଓ ସାଥୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଉପସ୍ଥିତ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ। ହ୍ୟୁମାନ ଗୋଟିଏ ପରେ ଗୋଟିଏ ରୋମାଣ୍ଟିକ, ସମ୍ବଲପୁରୀ ଆଦି ଗୀତ ଗାଇଥିଲେ। ତାଙ୍କ ଗୀତର ତାଳେ ତାଳେ ଦର୍ଶକ ଝୁମି ଉଠିଥିଲେ। ତୃତୀୟ ଦିନରେ ଦର୍ଶକଙ୍କ ଅସମ୍ଭାଳ ଭିଡ ଯୋଗୁ ଗାୟକ ମଣ୍ଟୁ ଛୁରିଆଙ୍କ କାର୍ଯ୍ୟକ୍ରମ ଅଧାରୁ ବନ୍ଦ କରାଯାଇଥିଲା। ଭିଡର ଫାଇଦା ନେଇ ଚୋରମାନେ ୨ଜଣ ମହିଳାଙ୍କ ସୁନା ଓ ଟଙ୍କା ମଧ୍ୟ ଚୋରି ହୋଇଥିବା ଜଣାପଡିଛି। ଉଦଯାପନୀ ସମାରୋହରେ ପୁର୍ନବାର ଏହି ସମସ୍ୟା ନ ହେବା ପାଇଁ ପ୍ରଶାସନ ଓ ପୋଲିସ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏଥିରେ ୪ଜଣ ଡିଏସପି, ୮ ଆଇଆଇସି, ୫୦ଏସଆଇ ଓ ଏଏସଆଇଙ୍କ ନେତୃତ୍ୱରେ ୯ ପ୍ଲାଟୁନ ଜିଲା ପୋଲିସ, ଡିଭିଏଫ୍, ଗୃହରକ୍ଷୀଙ୍କ ସମେତ ରାୟଗଡା, କୋରାପୁଟ, ନବରଙ୍ଗପୁର ଜିଲାର ମଧ୍ୟ ଆରକ୍ଷୀ ବାହିନୀ, ଏନଏସି କ୍ୟାଡେଟ ଶାନ୍ତିଶୃଙ୍ଖଳା ପାଇଁ ନିୟୋଜିତ ହୋଇଥିଲେ। ପରିସ୍ଥିତି ନିୟନ୍ତ୍ରଣ କପାଇଁ ୩ଜଣ ସହକାରୀ ଜିଲାପାଳଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱ ସହିତ ନିୟୋଜିତ କରାଯାଇଥିଲା।


ଉଲ୍ଲେଖନୀୟ ଅବଦାନ ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଉଛି।


ହ୍ୟୁମାନ ସାଗର ଗୀତ ପରିବେଷଣ କରୁଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ରଞ୍ଜନ


@ ସତ୍ମନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୩ ଖବରଦାତାଙ୍କୁ ମରଣୋତ୍ତର ଭାବେ ସମ୍ବର୍ଦ୍ଧନା

ଭବାନୀପାଟଣା,୧୭।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ପ୍ରଶାସନ ତଥା ଜିଲା ସଂସ୍କୃତି ପରିଷଦ ପକ୍ଷରୁ ମଙ୍ଗଳବାର ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବର ଉଦଯାପନୀ ସମାରୋହରେ ମରଣୋତ୍ତର ଭାବେ ୩ଜଣ ବିଶିଷ୍ଟ ଖବରଦାତା ସ୍ୱର୍ଗତ ମହମ୍ମଦ ଅସଲମ, ସଞ୍ଜୀବ କୁମାର ଯୋଶୀ, ଭାନୁପ୍ରତାପ ରଥଙ୍କୁ ସମ୍ମାନିତ କରାଯାଇଥିଲା। ତେବେ ମାଓବାଦୀଙ୍କ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଶହୀଦ ରୋହିତ ବିଶ୍ୱାଳଙ୍କୁ ଆଗାମୀ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ ଅବସରରେ ସମ୍ମାନିତ କରାଯିବ ବୋଲି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଘୋଷଣା କରିଥିଲେ।

## କଳାହାଣ୍ଡିର ୧୧୮ ବରିଷ୍ଠ ନାଗରିକ ଗଲେ ତୀର୍ଥଯାତ୍ରା

ଭବାନୀପାଟଣା,୧୭।୧(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ଯୋଜନାରେ ମଙ୍ଗଳବାର ଅପରାହ୍ନରେ କଳାହାଣ୍ଡି ଜିଲାର ୧୧୮ଜଣ ବରିଷ୍ଠ ନାଗରିକ ସ୍ୱତନ୍ତ୍ର ବସ୍ ଯୋଗେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି। ଏ ନେଇ ଭବାନୀପାଟଣା ଅମଲା ଭବନଠାରେ ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ ସବୁଜ ପତକା ଦେଖାଇ ସେମାନଙ୍କୁ ଏହି ତୀର୍ଥ ଯାତ୍ରା ଶୁଭକାମନା ଜଣାଇଛନ୍ତି। ଏହି ତିର୍ଥ ଯାତ୍ରୀମାନେ ଆଗ୍ରା, ମଥୁରା ଓ ବୃନ୍ଦାବନ ବୁଲିକି ଆସିବେ ବୋଲି ଜଣାପଡିଛି। ଜିଲା ପ୍ରଶାସନ ଓ ଜିଲା ପର୍ଯ୍ୟଟନ ବିଭାଗ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲା।

# ବଜାସାଲ, ଢୋଲ ମହୁରୀରେ ଦୁଲୁକିଲା ମଞ୍ଚ

ଧର୍ମଗଡ଼,୧୭।୧(ଡି.ଏନ.ଏ.)

### ଧର୍ମଗଡ଼ରେ କଳାହାଣ୍ଡି ଉତ୍ସବ ଉଦ୍‌ଯାପିତ

କଳାହାଣ୍ଡି ଜିଲା ଧର୍ମଗଡ଼ଠାରେ ଚାଲିଥିବା କଳାହାଣ୍ଡି ଉତ୍ସବ ଘୁମୁରା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ କେସିଙ୍ଗା ଉପଖଣ୍ଡ ପୋଲିସ ଅଧିକାରୀ ଯଶ ପ୍ରତାପ ଶ୍ରୀମନ, ଶିକ୍ଷାବିତ ପ୍ରତାପ କିଶୋର ମୁଣ୍ଡ, ଘୁମୁରା ଗୁରୁ ସତ୍ୟ ନାଏକ ପ୍ରମୁଖ ଉପସ୍ଥିତ ରହି କଳାହାଣ୍ଡିର କଳା ସଂସ୍କୃତି ଅନନ୍ୟ ଏହାର ତୁଳନା ନାହିଁ, ଜିଲାରେ କଳାକାର ଭରପୁର ହୋଇ ଅଛନ୍ତି। ଘୁମୁରା ଓ ବଜାସାଲ ସାରା ବିଶ୍ୱରେ ଲୋକପ୍ରିୟ ହୋଇ ପାରିଛି। ଉତ୍ସବରେ ଜିଲାର କଳାକାରମାନେ ନିଜର କଳା ପ୍ରଦର୍ଶନ କରିବା ସହିତ ଜିଲା ବାହାରୁ ତଥା ବିଭିନ୍ନ ରାଜ୍ୟରୁ ଆସୁଥିବା କଳାକାରମାନଙ୍କ ଦ୍ୱାରା ଜିଲାର କଳା ସଂସ୍କୃତି ବିଷୟରେ ବାହାର ରାଜ୍ୟର ଲୋକମାନେ ମଧ୍ୟ ଜାଣି ପାରୁଛନ୍ତି ବୋଲି କହିଥିଲେ। ପ୍ରାରମ୍ଭିକ ସଙ୍ଗୀତ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରମାନେ ଗାନ କରିଥିଲେ। ସଭା କାର୍ଯ୍ୟ ଅଧାପକ ଲିଙ୍ଗରାଜ ପାତ୍ର ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ କଟକର ନଟରାଜ ଡ୍ୟାନ୍ସ ଏକାଡେମୀ, ପୁରୀର ଶିଳ୍ପୀ ଏଣ୍ଟରଟେନମେଣ୍ଟ, ପାଇକ ଆଖଡା ଖୋର୍ଦ୍ଧା, ବଲାଙ୍ଗୀର ଢୋଲ ମହୁରୀ, ସକ୍ଷମ ଏକାଡେମୀ ଭବାନୀପାଟଣାର ଓଡିଶୀ, ବଜାସାଲ ଜୟପାଟଣା, ପ୍ରତିଭା ଭବାନୀପାଟଣା, ଧର୍ମଗଡ଼ ଭଣ୍ଡାରଘରଣୀ ସାଂସ୍କୃତିକ ଅନୁଷ୍ଠାନ ବଜାସାଲ, ଉକିଆ ସାଂସ୍କୃତିକ ଅନୁଷ୍ଠାନ ଧର୍ମଗଡ଼ର କଳାକାରମାନେ ଘୁମୁରା ନୃତ୍ୟ ହଜାର ହଜାର ଦର୍ଶକ ମଧରାତ୍ର ପର୍ଯ୍ୟନ୍ତ ଉପଭୋଗ କରିଥିଲେ।


ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିବୃନ୍ଦ।

## ଅତିରିକ୍ତ ଶାସନ ସଚିବ, କୃଷି କମିଶନରଙ୍କ କୃଷି ବଗିଚା ପରିଦର୍ଶନ

ଗୋଲାମୁଣ୍ଡା,୧୭।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡ ବ୍ଲକ ସାନଚେରଗାଁଠାରେ କୃଷି ବଗିଚା ଅତିରିକ୍ତ ଶାସନ ସଚିବ ତଥା ଉନ୍ନୟନ କମିଶନର ପ୍ରଦୀପ ଜେନା ଓ କୃଷି କମିଶନର ଡ଼. ଅରବିନ୍ଦ ପାଢ଼ୀ ମଙ୍ଗଳବାର ପରିଦର୍ଶନ କରିଛନ୍ତି। ପ୍ରଥମେ କୃଷ୍ଣଚନ୍ଦ୍ର ନାଗଙ୍କ କୃଷି ବଗିଚା ଯାଇ ବିଭିନ୍ନ ପ୍ରକାର କୃଷି କିପରି ବିକଶିତ କରିହେବ ସେ ନେଇ ଆଲୋଚନା କରିଥିଲେ। ବଗିଚାରେ ଥିବା ଶିତଳ ଭଣ୍ଡାର ଓ ଟମାଟୋ ଚାଷ ବୁଲି ଦେଖିଥିଲେ। ଟମାଟୋ ଚାଷ ଦେଖି ଆଗାମୀ ଦିନରେ କିପରି କୃଷ୍ଣଚନ୍ଦ୍ର ନାଗଙ୍କ ପରି ହଜାରେ ଚାଷୀ ଜିଲାରେ ବାହାରି ପାରିବେ କାମ କରିବାକୁ ଜିଲାପାଳ ଓ କୃଷି ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ ଅତିରିକ୍ତ ଶାସନ ସଚିବ ଜେନା। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ସହଯୋଗରେ ନାଗ ଟମାଟୋ, କଲରା ଓ ଲଙ୍କା ଚାଷ କରି ନିଜ ବଗିଚାରେ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ କାମ ଯୋଗାଇ ରୋଜଗାର କ୍ଷମ କରିଥିବା ବେଳେ ନିଜେ ବର୍ଷକୁ ୫୦ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି। ଗସ୍ତ ସମୟରେ ଜିଲାପାଳ ପି. ଅନ୍ୱେଷ ରେଡ୍ଡୀ, ଉଦ୍ୟାନ ବିଭାଗ ନିର୍ଦ୍ଦେଶ ରୋହିତ ଲେଙ୍କା, ଧର୍ମଗଡ଼ ଉପଜିଲାପାଳ ବେଦଭୁଷଣ, ଜିଲା କୃଷି ଅଧିକାରୀ ଜାମିସୂର୍ଯ୍ୟା ରାଓ, ଡିଡିଏ କିଶୋର କୁମାର ମହାଲିଙ୍ଗ, ବିଡିଓ ଶ୍ରୀଧର ପଣ୍ଡା, ଏଡିଏସ ଟଙ୍କଧର କାଲୁ, ଏଏସଓ ନିହାରିକା ସାହୁ, ସହକାରୀ କୃଷି ଅଧିକାରୀ ଲିଙ୍ଗରାଜ ମେହେର, ବିପିଏମ ସୁଧାଂଶୁ ବିଶ୍ୱାଳ, ଗ୍ରାମ୍ୟ କୃଷି କର୍ମଚାରୀ ରଘୁନାଥ ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

## କୋକସରାରେ ବଢୁଛି ଝାଡ଼ାବାନ୍ତି ଆକ୍ରାନ୍ତ ସଂଖ୍ୟା


ସ୍ୱାସ୍ଥ୍ୟ କର୍ମୀମାନେ ଘର ଘର ବୁଲି ସଚେତନ କରୁଛନ୍ତି।

କୋକସରା,୧୭।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର କୋକସରା ଗ୍ରାମପଞ୍ଚାୟତ କୋକସରା ଗ୍ରାମରେ ଗତ କିଛି ଦିନ ହେବ ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଝାଡ଼ାବାନ୍ତି ବ୍ୟାପିବାର ମୁଖ୍ୟ କାରଣ ଦୂଷିତ ପାନୀୟ ଜଳ ବୋଲି ପ୍ରାଥମିକ ସୂଚନାରୁ ଜଣାପଡିଛି। ସୂଚନାମତେ କୋକସରା ଗ୍ରାମରେ ୬ଟି ୱାର୍ଡ଼ ରହିଥିବା ବେଳେ ଜନସଂଖ୍ୟା ୫ ହଜାରରୁ ଉର୍ଦ୍ଧ୍ୱ ହେବ। ତେବେ ଗ୍ରାମ୍ୟ ପରିମଳ ଓ ପଞ୍ଚାୟତ ପକ୍ଷରୁ ପାନୀୟ ଜଳ ପାଇଁ ବିଛା ଯାଇଥିବା ଲୁହାର ପାଇପ ଲାଇନ ଅନେକ ସ୍ଥାନରେ କଳଙ୍କି ଲାଗି ନଷ୍ଟ ହେବା ସହ ଡ୍ରେନ ଦୂଷିତ ପାଣି ପାଇପ ଲାଇନ ପାଣିରେ ମିଶୁଛି। ଫଳରେ ଝାଡ଼ାବାନ୍ତି ବ୍ୟାପୁଥିବା ନେଇ ସ୍ୱାସ୍ଥ୍ୟ କର୍ମୀମାନେ ସ୍ଥିତି ଅନୁଧ୍ୟାନ ପରେ ସୂଚନା ଦେଇଛନ୍ତି। ଗତ ସପ୍ତାହ ମଧ୍ୟରେ କୋକସରା ଗ୍ରାମର ପାଖାପାଖି ୧୩ରୁ ଉର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସା ପରେ ସୁସ୍ଥ ହୋଇଥିବା ବେଳେ ମଙ୍ଗଳବାର ମଧ୍ୟ କିଛି ଆକ୍ରାନ୍ତ କୋକସରା ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି। ଗତ ରବିବାର ଝାଡ଼ାବାନ୍ତିର କାରଣ ଅନୁଧ୍ୟାନ କରିବାକୁ ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀମାନେ କୋକସରା ଗ୍ରାମର ପଡାରୁ ପଡା ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିବା ସହ ପାଣିକୁ ଫୁଟା ପାଣି ପିଇବାକୁ ସଚେତନ କରିଛନ୍ତି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଯଶୋବନ୍ତି ଭୋଇଙ୍କ ମତାମତ ନେବା ପାଇଁ ଚେଷ୍ଟା କରିବାରୁ କୌଣସି ପ୍ରତିକ୍ରିୟା ହସ୍ତଗତ ହୋଇନାହିଁ। ଅନ୍ୟପଟେ କୋକସରା ଗୋଷ୍ଠି ଚିକିତ୍ସାଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସଙ୍କ ପ୍ରତିକ୍ରିୟା ନେବାରୁ ଦୂଷିତ ପାନୀୟ ଜଳ ସେବନ ପାଇଁ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇଥିବା କହିବା ସହ ଚିକିତ୍ସା ପରେ ସ୍ଥିତି ସ୍ୱାଭାବିକ ରହିଛି। ସ୍ୱାସ୍ଥ୍ୟ ଓ ଆଶା କର୍ମୀମାନେ ବିଭିନ୍ନ ପଡା ଓ ଘରକୁ ଯାଇ ଲୋକଙ୍କୁ ସଚେତନ କରିଛନ୍ତି ବୋଲି କହିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

କୋକସରା,୧୭।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଓ ଆମପାଣି ଥାନା ପକ୍ଷରୁ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା ଉଭୟ ସ୍ଥାନରେ କରାଯାଇଛି। କୋକସରାଠାରେ ଥାନାଧିକାରୀ ପ୍ରସନ୍ନ କୁମାର ବେହେରାଙ୍କ ନେତୃତ୍ୱରେ କୋକସରା ଡିଗ୍ରୀ ମହାବିଦ୍ୟାଳୟର ଏନଏସଏସ ଓ ଏନସିସି ଛାତ୍ରୀଛାତ୍ର, ଏନସିସି କ୍ୟାପଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁଣାକାର ପଣ୍ଡା, ଅଧ୍ୟାପକ ପୁଷ୍ପରାଜ ମେହେର, ସୁବ୍ରତ ବେହେରା, ଅଧ୍ୟାପିକା କନକମଞ୍ଜରି ବେହେରା, ଖେଳ ଶିକ୍ଷକ ପ୍ରତାପ ବିଶି ଏଏସ୍‌ଆଇ ଭରତ ଅହିର ଉପସ୍ଥିତ ଥିଲେ। ଆମପାଣିଠାରେ ଥାନାଧିକାରୀ ଚତୁର୍ଭୁଜ ନାଏକଙ୍କ ନେତୃତ୍ୱରେ ବୁଢ଼ାରଜା ହାଇସ୍କୁଲ ଓ ଏସଏସଡି ହାଇସ୍କୁଲର ୪୦୦ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରି ଆମପାଣି ପରିକ୍ରମା କରି ଲୋକଙ୍କୁ ସଡକ ସୁରକ୍ଷା ଉପରେ ସଚେତନତା କରିଥିଲେ। ଆମପାଣି ବୁଢ଼ାରଜା ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗ, ଏସଏସଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଶାନ୍ତେ ସାହୁ, ଜିତେନ୍ଦ୍ର ପଣ୍ଡା, ଶିକ୍ଷକ ଶିକ୍ଷୟିତ୍ରୀ, ପୋଲିସ ଏସଆଇ ରାଜେଶ ପରିଡା ଉପସ୍ଥିତ ରହିଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

ଖଡ଼ିଆଳ,୧୭।୧(ଡି.ଏନ.ଏ.)

### ଖଡ଼ିଆଳ ମହୋତ୍ସବ ତୃତୀୟ ସନ୍ଧ୍ୟା

ନୂଆପଡା ଜିଲା ଖଡ଼ିଆଳ ରାଜା ଅର୍ତ୍ତତ୍ରାଣ ହାଇସ୍କୁଲରେ ଚାଲିଥିବା ଖଡ଼ିଆଳ ମହୋତ୍ସବର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା। ତୃତୀୟ ସନ୍ଧ୍ୟା ସଭାରେ ମହୋତ୍ସବ କମିଟି ଉପସଭାପତି ସୁଶାନ୍ତ ତାଣ୍ଡି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରା, ସିନାପାଲି ଅଧ୍ୟକ୍ଷା ପଞ୍ଚାୟତ ସମିତି ମାଧୁରୀ ମାଝି, ସିନାପାଲି ବିଡିଓ ସର୍ବେଶ୍ୱର ଜାଲ, ଜିଲା ପରିଷଦ ସଦସ୍ୟା ଜୋନ ନଂ ୧୩ ଯଜ୍ଞସେନି କଟା, ଜିଲା ପରିଷଦ ସଦସ୍ୟା ଜୋନ ନଂ. ୧୪ ଆଶାଲତା ଜୈନ, ଜିଲା ପରିଷଦ ସଦସ୍ୟା ଜୋନ ନଂ. ୧୨ପୁଷ୍ପାଞ୍ଜଳି ଗୋୟଲ, ଜିଲା ପରିଷଦ ସଦସ୍ୟା ଜୋନ ନଂ. ୫ ତନୟା ଶବର, ମୁଖ୍ୟବକ୍ତା ଅବସରପ୍ରାପ୍ତ ରିଷିଡ଼ା ମହାବିଦ୍ୟାଳୟ ପ୍ରାଧ୍ୟାପକ ଡ ଦାଶରଥି ଆଚାର୍ଯ୍ୟ ଯୋଗଦେଇଥିଲେ। ସନ୍ଧ୍ୟାର ବିଭିନ୍ନ କାର୍ଯ୍ୟକ୍ରମ ଗଙ୍ଗାଧର ପରିଚାଳନା କରିଥିଲେ। ନେହେନା ଆଶ୍ରମ ବିଦ୍ୟାଳୟ, ଜୟ ସତନାମ, ନବ ପ୍ରଭାତ ଓପନ ସେଲଟର ହୋମ, ବିଶ୍ୱକର୍ମା ଟ୍ରଷ୍ଟ, ତୁର୍ଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଭି ଡ୍ୟାନ୍ସ ଗ୍ରୁପ, ଲଛିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୁସ୍କାନ ଡ୍ୟାନ୍ସ ଗ୍ରୁପ, ସାଇନିଙ୍ଗ ଷ୍ଟାର ଡ୍ୟାନ୍ସ ଗ୍ରୁପ, ମହାମାୟା ମହାବିଦ୍ୟାଳୟ ଖଡ଼ିଆଳ ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷରେ ସଭା ଆରମ୍ଭ ହୋଇଥିଲା। ଖଡ଼ିଆଳ ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଗୋରାଙ୍ଗ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଖଡ଼ିଆଳ ମହାତ୍ମା ଗାନ୍ଧୀ ଯୁକ୍ତ ଦୁଇ ମହାବିଦ୍ୟାଳୟର ପିଲାମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଖଡ଼ିଆଳ ପବ୍ଲିକ ସ୍କୁଲ ଶିକ୍ଷୟିତ୍ରୀ ସୁଜାତା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ରାତିରେ ସଂସ୍କୃତିକ କାର୍ଯ୍ୟକ୍ରମ ନାକେଲି ପଞ୍ଚମ ବଲାଙ୍ଗୀର, ବିହୁ ନୃତ୍ୟ ଗିରିରାଜ ବିହୁ ଆସାମ, ନାଟକ ଆମର ଗାଁ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ଖଡ଼ିଆଳ, ସମ୍ବଲପୁରୀ ଅର୍କେଷ୍ଟ୍ରା ଶାନ୍ତନୁ ସାହୁ ଓ ଅର୍ଚ୍ଚନା ପାଢ଼ୀଙ୍କ ଗୀତରେ ଝୁମିଲେ ଦର୍ଶକ।



ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ତଳମୁଣ୍ଡ ଚାଷୀଙ୍କ ଏନ୍‌ଏଚ୍ ଅବରୋଧ

### ପାଣି ଆବଣ୍ଟନକୁ ନେଇ ଉପରମୁଣ୍ଡ, ତଳମୁଣ୍ଡ ଚାଷୀଙ୍କ ବିବାଦ
■ଧାରଣାରେ ଛାତ୍ରୀଛାତ୍ର ସାମିଲ

ନୂଆପଡ଼ା ଅଫିସ,୧୭।୧

ନୂଆପଡା ସଦର ବ୍ଲକ ପତୋରା ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ଜଳ ବଣ୍ଟନ ବିବାଦ ତେଜିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ଶାନ୍ତି କମିଟି ବୈଠକ ବିଫଳ ହୋଇଯାଇଛି। ଜିଲା ପ୍ରଶାସନ ସାମାଧାନର ରାସ୍ତା ପାଉନାହିଁ। ମନ୍ତ୍ରୀଠାରୁ ଅଧିକାରୀ ପର୍ଯ୍ୟନ୍ତ ସାମାଧାନର ରାସ୍ତା ଖୋଜୁଥିବା ବେଳେ ଉଭୟ ଉପରମୁଣ୍ଡ ଓ ତଳମୁଣ୍ଡ ଚାଷୀ ନିଜ ଜିଦରେ ଅଟଳ ରହିଛନ୍ତି। ଉପରମୁଣ୍ଡ ଚାଷୀଙ୍କ ଧାରଣା ୧୭ ଦିନରେ ପହଞ୍ଚି ଥିବା ବେଳେ ତଳମୁଣ୍ଡ ଚାଷୀ ମଙ୍ଗଳବାର ସିଲଦା ଛକଠାରେ ୩୫୩ ନମ୍ବର ଜାତୀୟ ରାଜପଥ (ଏନ୍‌ଏଚ୍) ଅବରୋଧ କରିଛନ୍ତି। କେବଳ ରାଜପଥ ନୁହେଁ ନୂଆପଡାରୁ ଛତିଶଗଡକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ବନ୍ଦ କରିଛନ୍ତି। ସୂଚନାରୁ ପ୍ରକାଶ ଅପର ଜୋଙ୍କ ଜଳ ସେଚନ ପ୍ରକଳ୍ପରେ ମୋଟ ୨୦ଟି ପାଣି ପଞ୍ଚାୟତ ରହିଛି। ଏହି ପାଣି ପଞ୍ଚାୟତ ମଧ୍ୟରେ ପାଣି ଆବଣ୍ଟନକୁ ନେଇ ବାରମ୍ବାର ବିବାଦ ଲାଗି ରହିବାରୁ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଉଭୟ ପକ୍ଷକୁ ଗୋଟିଏ ବର୍ଷ ଲେଖାଏଁ ପାଳି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚ ନ୍ୟାୟଳୟର ନିର୍ଦ୍ଦେଶ ମୁତାବକ ୧ରୁ ୫ ପର୍ଯ୍ୟନ୍ତ ଉପରମୁଣ୍ଡ ଚାଷୀ ପାଣି ପାଇ ସାରିଛନ୍ତି। ଚଳିତବର୍ଷ ତଳମୁଣ୍ଡ ଚାଷୀ ପାଣି ପାଇବାର ପାଳି ରହିଛି। ହେଲେ ଉପରମୁଣ୍ଡ ଚାଷୀ ଜିରୋହେଡରୁ ପାଣି ପାଣି ଛଡାଯାଉ ବୋଲି ଜିଦ ଧରି କେନାଲରେ ଛାଡିଥିବା ପାଣିକୁ ବନ୍ଦ କରି ପତୋରା ମୁଖ୍ୟ କେନାଲ ପାଖରେ ଧାରଣାରେ ବସିଛନ୍ତି। ଗତ ଡିସେମ୍ବର ୨୯ ତାରିଖରେ ଜିଲାପାଳ ହେମାକାନ୍ତ ସାଏ ଆଲୋଚନାରେ ଫଇସଲା କରି ଜାନୁୟାରୀ ୧ରୁ ତଳମୁଣ୍ଡକୁ ପାଣି ଛଡାଯିବ ବୋଲି କହିଥିଲେ। ୧୧ ତାରିଖ ପର୍ଯ୍ୟନ୍ତ ୬ ରୁ ୧୬ ପାଣି ପଞ୍ଚାୟତକୁ ପାଣି ନ ପହଞ୍ଚିବାରୁ ତଳମୁଣ୍ଡ ଚାଷୀ ସିଲଦା ଛକଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଜିଲା ପ୍ରଶାସନ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ୪ ଦିନ ସମୟ ମାଗିଥିଲା। ୪ ଦିନରୁ ୭ ଦିନ ବିତିଯାଇଥିକେ ମଧ୍ୟ ତଳମୁଣ୍ଡକୁ ପାଣି ନ ପହଞ୍ଚିବାରୁ ମଙ୍ଗଳବାର ପୁଣି ସିଲଦା ଛକଠାରେ ଜାତୀୟ ରାଜପଥ ୩୫୩ ଉପରେ ଟେଣ୍ଟ ଲଗାଇ ୬ ରୁ ୧୬ ନମ୍ବର ପାଣି ପଞ୍ଚାୟତର ହଜାର ହଜାର ଚାଷୀ ମହିଳାପୁରୁଷ ସହ ସ୍କୁଲ ଛାତ୍ରୀଛାତ୍ର ମଧ୍ୟ ରାଜପଥ ଉପରେ ବସିଛନ୍ତି । ଯେଉଁ ପର୍ଯ୍ୟନ୍ତ ୬ ରୁ ୧୬ ପାଣି ପଞ୍ଚାୟତ ପର୍ଯ୍ୟନ୍ତ ପାଣି ନ ପହଞ୍ଚିବ ସେହି ଦିନ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିବୁ ବୋଲି ଧାରଣରତ ଚାଷୀମାନେ ଚେତାବନୀ ଦେଇଛନ୍ତି। ଧାରଣାରେ ଚାଷୀନେତା ରାଜେଶ ନିଗମ, ପ୍ରମୋଦ ସାହୁ, ପବନ ସାହୁ ପ୍ରମୁଖ ଚାଷୀମାନେ ବସି ରହିଛନ୍ତି।


ଚାଷୀମାନେ ରାଜପଥ ଉପରେ ଧାରଣାରେ ବସିଛନ୍ତି।

**ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ**

ପଦ୍ମପୁର (ଡି.ଏନ.ଏ.): ପଦ୍ମପୁର ଅଞ୍ଚଳ କଲେଜ ସମ୍ମିଳନୀ କକ୍ଷରେ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଅଧକ୍ଷ ଡ. ଲଳିତେନ୍ଦୁ ନାୟକ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧାପିକା ସନ୍ଧ୍ୟାରାଣୀ କୁଅଁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପିକା ଶର୍ମିଳା ପଣ୍ଡା ଶିବିରର ଉଦ୍ଦେଶ୍ୟ ଆଲୋଚନା କରିଥିଲେ। ନମ୍ରତା ଓ ସୁନୀତା ପ୍ରଶିକ୍ଷିକା ଭାବେ ତାଲିମ ପ୍ରଦାନ କରିଥିଲେ। ଅଧାପକ ପ୍ରଭାତ ମହାପାତ୍ର, ଅଶୋକ ବେହେରା ସହଯୋଗ କରିଥିବା ବେଳେ ଅଧାପିକା ବୁନି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଯୁକ୍ତ ୨ ପ୍ରଥମ ବର୍ଷର ସମସ୍ତ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଯୁବକ ମୃତ

ବରପାଲି,୧୭।୧(ଡି.ଏନ.ଏ.): ବରପାଲି-ବଲାଙ୍ଗୀର ଜାତୀୟ ରାଜପଥର ବୁଢ଼ାରଜା ମନ୍ଦିର ନିକଟରେ ଏକ ଟ୍ରକ୍ ଧକ୍କା ଦେବାରୁ ଜଣେ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ବରପାଲି ବ୍ଲକ ବାଞ୍ଜିପାଲି ଗ୍ରାମର ବାସୁଦେବ ସାହୁ (୩୨)। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ଅଛନ୍ତି। ବରପାଲି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ମଙ୍ଗଳବାର ବୁଢ଼ାରଜା ମନ୍ଦିର ନିକଟରେ ଟ୍ରକ୍ (ନଂ.ଓଡି୧୫ଭି/୧୮୫୪) ବାଇକ୍(ନଂ.ଓଡ଼ି୧୭ଇ/୩୩୮୦)କୁ ଧକ୍କା ଦେବାରୁ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିଲା।

### ନାଗେଶ୍ୱର ମନ୍ଦିର ପ୍ରତିଷ୍ଠା ଆରମ୍ଭ

ବରଗଡ଼ ଅଫିସ୍,୧୭।୧: ବରଗଡ଼ ସହର ଉପକଣ୍ଠ ନାଗେନପାଲି ସ୍ଥିତ ଶ୍ରୀ ଶ୍ରୀ ନାଗେଶ୍ୱର ବାବାଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ପ୍ରଥମ ଦିବସରେ ମଙ୍ଗଳାରୋପଣ, କଳସଯାତ୍ରା, ଶାଳା ସଂସ୍କାର ପୂର୍ବକ ପୂଜାକାର୍ଯ୍ୟ ଆରମ୍ଭ ଏବଂ ଅଗ୍ନିସ୍ଥାପନ ହୋଇଥିଲା। ଆସନ୍ତା ୨୩ତାରିଖ ଯାଏ ମହୋତ୍ସବ ଚାଲିବ।

### କଲ୍ୟାଣ ମଣ୍ଡପ ଲୋକାର୍ପିତ

ବରଗଡ଼ ଅଫିସ୍,୧୭।୧ : ବରଗଡ଼ ବ୍ଲକ ଅନ୍ତର୍ଗତ କଳାପାଣି ସହରାପଡ଼ାରେ ସୋମବାର ଏକ କଲ୍ୟାଣ ମଣ୍ଡପ ଲୋକାର୍ପିତ ହୋଇଛି। ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ରାଜ୍ୟ ସମବାୟ ନିର୍ଦ୍ଦେଶକ ତଥା ବରଗଡ଼ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଏକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଟଙ୍କଧର ଭୋଇ, ସରପଞ୍ଚ ପ୍ରତିନିଧି ବିପିନ ପ୍ରଧାନ, ସୋମନାଥ ସାହୁ, ଗଣେଶ ପ୍ରସାଦ ମହାପାତ୍ର, ବଳିଷ୍ଠ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଥିଲେ। ବାସୁଦେବ ଦାଶ ସଭା ପରିଚାଳନା କରିଥିଲେ।

### ବରପାଲି କଲେଜରେ ସଡ଼କ ସୁରକ୍ଷା ସପ୍ତାହ

ବରପାଲି,୧୭।୧(ଡି.ଏନ.ଏ.): ବରପାଲି ମହାବିଦ୍ୟାଳୟରେ ମଙ୍ଗଳବାର ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରାକୁ ଅଧକ୍ଷା ଜୟନ୍ତୀ ଦାଶ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଲେଖାଥିବା ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍‌ର ସଂଯୋଜକ କାହ୍ନୁ ମେହେର ଓ ଅଧାପକ ଭକ୍ତବନ୍ଧୁ ପ୍ରଧାନ ପରିଚାଳନା କରିଥିଲେ। ଏହି ଶୋଭାଯାତ୍ରାରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

### ଟୋକନ ଅବଧି ସରୁଛି, ଧାନ ଉଠୁନି

ଅମ୍ବାଭୋନା,୧୭।୧(ଡି.ଏନ.ଏ.): ବରଗଡ଼ ଜିଲା ସୀମାନ୍ତ ଅମ୍ବାଭୋନା ବ୍ଲକରେ ଧାନ ସଂଗ୍ରହ ପ୍ରକ୍ରିୟା ଅବ୍ୟବସ୍ଥିତ ହୋଇ ପଡିଛି। ଟ୍ୟାଗ୍ ନ ଥିବା କାରଣରୁ ଭୁକ୍ତା ମାର୍କେଟୟାର୍ଡ ସମେତ ବିଭିନ୍ନ ଧାନମଣ୍ଡିରେ ୫୦ ହଜାରରୁ ଊର୍ଦ୍ଧ୍ୱ ଧାନବସ୍ତା ଖୋଲା ଆକାଶ ତଳେ ପଡିରହିଛି। ଚଳିତ ଖରିଫ ଋତୁରେ ଏହି ବ୍ଲକର ଭୁକ୍ତା ମାର୍କେଟ ୟାର୍ଡ ଏବଂ ଲଖନପୁର, କଣ୍ଡପଲା, ରୁଚିଦା, ଅମ୍ବାଭୋନା, କପାସିରା, ବରା, ସାନ ସରାଇପାଲି, ଦ୍ୱାରି ଆଦି କ୍ରୟକେନ୍ଦ୍ର ଗୁଡିକରେ ପଡିରହିଥିବା ଧାନ ଗୁଡିକ ଟ୍ୟାଗ୍ ଅଭାବରୁ ଉଠିପାରୁନାହିଁ। ପଞ୍ଜୀକୃତ ଚାଷୀମାନଙ୍କ ଟୋକନ ଅବଧି ସରିଆସୁଥିବାରୁ ସେମାନେ ଆଶଙ୍କାରେ ଦିନ ଗଣୁଛନ୍ତି। ମେଘୁଆ ତଥା ପ୍ରତିକୂଳ ପାଗ ଚାଷୀମାନଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। କେବଳ ୧୦୦ରୁ ୧୫୦ କୁଇଣ୍ଟାଲ ଟ୍ୟାଗ୍ ଥିବା ନେଇ ଆର୍‌ଏମ୍‌ସି ପକ୍ଷରୁ କୁହାଯାଇଛି। ଆହୁରି ୩୦ ହଜାର କୁଇଣ୍ଟାଲ ଚାଷୀମାନଙ୍କ ଧାନ ବିକ୍ରି ପାଇଁ ପ୍ରଶାସନିକ ଅନୁମତିର ଆବଶ୍ୟକତା ଥିବା ଯୋଗାଣ ବିଭାଗ ପ୍ରକାଶ କରିଛି। ବିଳମ୍ବରେ ଧାନ ବିକ୍ରି ବ୍ୟବସ୍ଥା ହେବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଘୁଆ ପାଗ ଦେଖି ଚାଷୀମାନଙ୍କ ମଧ୍ୟରେ ଭାଳେଣି ପଡିଛି। ଭୁକ୍ତା ଓ କଣ୍ଡପଲା ମାର୍କେଟ ୟାର୍ଡରେ ୫୦୦୦ ବସ୍ତା, ବରା କ୍ରୟ କେନ୍ଦ୍ରରେ ୧୫୦୦୦ ବସ୍ତା, ସାନ ସରାଇପାଲି କେନ୍ଦ୍ରରେ ୫୦୦୦ ବସ୍ତା ଏବଂ ଅମ୍ବାଭୋନାରେ ୨୦୦୦ ବସ୍ତା ଧାନ ପଡ଼ି ରହିଥିବା ଜଣାପଡ଼ିଛି। ଶୀଘ୍ର ଏହି ଧାନ ଉଠାଇବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

# ସ୍ୱାସ୍ଥ୍ୟ ସମସ୍ୟା ନେଇ ସିଡିଏମ୍‌ଓଙ୍କୁ ଫେରାଦ

ବରଗଡ଼ ଅଫିସ୍,୧୭।୧

ବରଗଡ଼ ଜିଲା ଅଭିଭାବକ ସଂଘର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମ୍‌ଓ) ଡା. ଚାରୁବାଳା ରଥଙ୍କୁ ଫେରାଦ ହୋଇ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ନୂତନ ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର ନିଯୁକ୍ତି, ପର୍ଯ୍ୟାପ୍ତ ଭାବେ ଉଦ୍ଦିଷ୍ଟ ଚିକିତ୍ସା ଉପକରଣ, ଔଷଧ ବ୍ୟବସ୍ଥା, ପୁରୁଣା ଡାକ୍ତରଖାନାର ଅବ୍ୟବସ୍ଥା ଉପରେ ସିଡ଼ିଏମ୍‌ଓଙ୍କୁ ଅବଗତ କରାଇଥିଲେ। ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ସିଡ଼ିଏମ୍‌ଓ ଡା. ରଥ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ଦଳରେ ସଂଘର ଜିଲା ଆବାହକ ବିମଳ କୁମାର ଦାଶ, ସାଧାରଣ ସମ୍ପାଦକ ସୁଜିତ ମିଶ୍ର, ବାଲ୍ମିକୀ ଷଡ଼ଙ୍ଗୀ, ଶିବାନନ୍ଦ ମଟାରୀ, ସୁଷେନ ବହିଦାର, ଜ୍ୟୋତ୍ସ୍ନା ପାଇକ ପ୍ରମୁଖ ଉପସ୍ଥିତ ଥିଲେ।



ବରଗଡ଼ ଜିଲା ଅଭିଭାବକ ସଂଘର ଏକ ପ୍ରତିନିଧି ଦଳ ସ୍ୱାସ୍ଥ୍ୟ ସମସ୍ୟା ନେଇ ସିଡିଏମ୍‌ଓଙ୍କୁ ଫେରାଦ ହୋଇଛନ୍ତି।

# ଦିବ୍ୟାଙ୍ଗଙ୍କ ଗହଣରେ ପୁଷ୍‌ପୁନି ଭେଟ୍‌ଘାଟ୍

ବରଗଡ଼ ଅଫିସ୍,୧୭।୧

ସମ୍ବିଧାନ ସୁରକ୍ଷା ମଞ୍ଚ ଏବଂ ପାୱାର ଅଫ୍ ଦିବ୍ୟାଙ୍ଗସ୍ ତରଫରୁ ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଜିଲାସ୍ତରୀୟ ପୁଷପୁନି ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜୟଦେବ ସାହୁ, ଶ୍ୟାମସୁନ୍ଦର ଅଗ୍ରୱାଲ, କିଶୋର ସାହୁ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ସଭାପତି ପବିତ୍ର ଦେହେରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଣ୍ଡବ କର୍ଣ୍ଣ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସମ୍ବିଧାନ ପ୍ରଣେତା ଡଃ ବାବା ସାହେବ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅତିଥିବୃନ୍ଦ ସମ୍ବିଧାନ ସୁରକ୍ଷା ମଞ୍ଚର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ମଞ୍ଚର ଗଣବିବାହ, ନୂଆଖାଇ ଜୋଟ୍‌ପାଟ୍ କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି ବୋଲି କହିଥିଲେ। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଗହଣରେ ଆୟୋଜକ, ଅତିଥିବୃନ୍ଦ ପୁଷ୍‌ପୁନି ପାଳନ କରିଥିଲେ। ପରମ୍ପରା ଅନୁଯାୟୀ, ଭୋଜନ, ଛେର୍‌ଛେରା ଆଦି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂକଳ୍ପ ପରିବାର, ସ୍ୱାଭିମାନ ପରିବାର, ବିର୍ସା ମୁଣ୍ଡା ସଂଘର୍ଷ ବାହିନୀ, ସାବିତ୍ରୀ ବାଈ ଫୁଲେ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦାନ କରିଥିଲେ। ସେହିପରି ଝାରସୁଗୁଡ଼ା, ସମ୍ବଲପୁର, ରେଢାଖୋଲ ଅଞ୍ଚଳରୁ ଅତିଥିମାନେ ଆସିଥିଲେ। ମମତା ପଟୁଆ, ରୋହିତ ମୁର୍ଗନ, ଡା. ଜନନୀ ମିଶ୍ର, ଅଲିମ ରିଜବି, ଗୁରୁପ୍ରୀତ ସିଂ ପ୍ରମୁଖ ସହଯୋଗ କରିଥିଲେ।



ପୁଷପୁନି ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

**ଚାଷଜମିକୁ ପାଣି ମାଡୁନି**

# ପ୍ରତିଶ୍ରୁତି ପରେ ଧାରଣା ହଟିଲା

ବରଗଡ଼ ଅଫିସ୍,୧୭।୧

ବରଗଡ଼ ବ୍ଲକ ଆମ୍ବସଡ଼ା ଗ୍ରାମ ଚାଷଜମିକୁ କେନାଲ ପାଣି ମାଡୁନାହିଁ। ଏଭଳି ଅଭିଯୋଗ ନେଇ ସୋମବାର ଅଞ୍ଚଳର ଚାଷୀମାନେ ସ୍ଥାନୀୟ କେନାଲ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବିଭାଗୀୟ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ ସହିତ କେନାଲ ପାଣି ଯେଭଳି ଠିକ୍ ଭାବେ ପହଞ୍ଚିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଧାରଣାରୁ ଉଠିଥିଲେ।

ପ୍ରକାଶ ଯେ, ଆମ୍ବସଡ଼ା ଗ୍ରାମର ଚାଷୀମାନେ କେନାଲ ପାଣି ଉପରେ ନିର୍ଭର କରିଥାନ୍ତି। ମାତ୍ର ଗ୍ରାମର ତଳମୁଣ୍ଡକୁ ପାଣି ପହଞ୍ଚି ପାରୁ ନ ଥିବା ଯୋଗୁ ଚାଷୀମାନେ ଏପର୍ଯ୍ୟନ୍ତ ଚାଷକାର୍ଯ୍ୟ ମଧ୍ୟ ଆରମ୍ଭ କରି ପାରିନାହାନ୍ତି। କେନାଲ ମରାମତି ଠିକ୍ ଭାବେ ହେଉ ନ ଥିବା ଏବଂ ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏହାର ତୁରନ୍ତ ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ପୂର୍ବତନ ସମିତିସଭ୍ୟ ସମୀର ସିଂ, ସୁଧୀର ପ୍ରଧାନଙ୍କ ନେତୃତ୍ୱରେ ଚାଷୀମାନେ କେନାଲ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସକୁ ଆସିଥିଲେ।



ଚାଷଜମିକୁ ପାଣି ଦାବିରେ ଚାଷୀଙ୍କ ଧାରଣା।

## ଆୟୁର୍ବେଦ କଲେଜର ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

ପାଇକମାଳ,୧୭।୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ ଜର୍ଜଗଡ଼ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ତରଫରୁ ଚାଲିଥିବା ଏନ୍‌ଏସ୍‌ଏସ୍ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ କେ. ଟି. ରାଉତରାୟ ସଭାପତିତ୍ୱ କରିଥିଲେ। ଜର୍ଜଗଡ଼ ଗ୍ରାମର ନିମାଇ ନନ୍ଦ ହୋତା, ବଡ ଶତପଥି, ବିଭୂତି ମୁଣ୍ଡ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ୫୦ ଜଣ ଛାତ୍ରୀଛାତ୍ର ୭ଦିନ ଧରି ବିଭିନ୍ନ ସ୍ଥାନରେ ସଫେଇ, ମଧୁମେହ ପରୀକ୍ଷା, ସଡ଼କ ସୁରକ୍ଷା ନିରାପତ୍ତା ରାଲି, ନିଶା ନିବାରଣ ପାଇଁ ପଥପ୍ରାନ୍ତ ନାଟକ, ରକ୍ତ ପରୀକ୍ଷା ସହ ଘର ଘର ବୁଲି ସୁସ୍ଥ ଓ ନିରୋଗ ରହିବା ପାଇଁ ସଚେତନ କରାଇଥିଲେ ବୋଲି ପ୍ରୋଗ୍ରାମ ଅଫିସର ଡାକ୍ତର ଯଶୋବନ୍ତ ସାହୁ ପ୍ରକାଶ କରିଥିଲେ। ସଭାରେ ଡାକ୍ତର ଅଭିରାମ ଠାକୁର, ଜଗବନ୍ଧୁ ମିଶ୍ର, ସୁରେନ୍ଦ୍ର ପଟେଲ, କାମିନୀ କର, ନଳିନୀ ଦାସ, ସଂଯୁକ୍ତା ସେନଗୁପ୍ତା, ଅଖିଳେଶ ସାହୁ, ମୋନାଲିସା ସାହୁ, ଜଗନ୍ନାଥ ସାହୁ ପ୍ରମୁଖ ଡାକ୍ତର ଯୋଗ ଦେଇଥିଲେ।

# ବିକାଶ ଛାତ୍ର ଗ୍ରୁପ୍ ଚାମ୍ପିୟନ

ବରଗଡ଼ ଅଫିସ୍,୧୭।୧

ବରଗଡ଼ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିକାଶ ଶିକ୍ଷାନୁଷ୍ଠାନର ଛାତ୍ର ଆଶୀର୍ବାଦ ପଣ୍ଡା ଗ୍ରୁପ୍ ଚାମ୍ପିୟନ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଅତିଥିବୃନ୍ଦ ତାଙ୍କୁ ପୁରସ୍କୃତ କରିଥିଲେ। ଆଶୀର୍ବାଦଙ୍କ ଏହି କୃତିତ୍ୱ ନେଇ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



କୃତୀ ଛାତ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

# ସୁରକ୍ଷାକର୍ମୀଙ୍କୁ ମିଳୁନି ଦରମା



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ସୁରକ୍ଷାକର୍ମୀବୃନ୍ଦ।

ବରଗଡ଼ ଅଫିସ୍,୧୭।୧

ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାମ କରୁଥିବା ସୁରକ୍ଷା କର୍ମୀମାନଙ୍କୁ ୨ମାସ ହେଲା ଦରମା ମିଳୁନାହିଁ। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ସୁରକ୍ଷାକର୍ମୀମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଥିଲେ। ଦରମା ପାଉ ନ ଥିବା ଯୋଗୁ ପରିବାର ଗୁଜୁରାଣ ମେଣ୍ଟାଇବା କଷ୍ଟସାଧ୍ୟ ହୋଇପଡୁଛି। ଫଳରେ ସେମାନଙ୍କୁ ସେମାନଙ୍କ ଦରମା ତୁରନ୍ତ ପ୍ରଦାନ କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସୁରକ୍ଷାକର୍ମୀମାନେ ନିବେଦନ କରିଛନ୍ତି। ପ୍ରକାଶ ଯେ, ଜିଲାର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ୨୬୦ରୁ ଊର୍ଦ୍ଧ୍ୱ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି। ସେମାନେ ଠିକ୍ ଭାବେ କାମ କରୁଥିଲେ ମଧ ନିୟମିତ ଦରମା ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କଠାରୁ ଜିଲାପାଳ, ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସତ୍ତ୍ୱେ ଦରମା ଠିକ୍ ଭାବେ ମିଳୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ୫ମାସ ହେଲା ସେମାନଙ୍କ ଜିପିଏଫ୍ ମଧ୍ୟ ଜମା ହେଉ ନ ଥିବା ଅଭିଯୋଗ ହୋଇଛି। ଗୁଣସାଗର କଲେତଙ୍କ ନେତୃତ୍ୱରେ ସୁରକ୍ଷାକର୍ମୀମାନେ ଜିଲାପାଳଙ୍କ ଅଫିସକୁ ଆସିଥିଲେ।

# ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲରେ ଆର୍ମି ଦିବସ ପାଳିତ

ବରପାଲି,୧୭।୧(ଡି.ଏନ.ଏ.)

ବରଗଡ ଜିଲା ବରପାଲି ସ୍ଥିତ ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲ ପରିସରରେ ଆର୍ମି ଦିବସ ପାଳିତ ହୋଇଛି। ଏହି ଅବସରରେ ଦୁଷ୍ଟ ବେହେରା ଓ ସଙ୍ଗୀତା ବିଶାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଛାତ୍ରୀ ପ୍ରିୟାନୀ ସାହୁ ସ୍ୱାଗତ ଭାଷଣ ଓ ଏଞ୍ଜେଲ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ଆଶିଷ ମଟାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭାରତୀୟ ସେନା ବିଭାଗରେ ଛାତ୍ରୀଛାତ୍ରମାନେ ବହୁ ସଂଖ୍ୟାରେ ଯୋଗଦେଇ ଦେଶ ସେବା କରିବା ଉଚିତ ବୋଲି ପରିଚାଳନା ନିର୍ଦ୍ଦେଶିକା ମୁଣ୍ଡ ନିଜ ବକ୍ତବ୍ୟରେ କହିଥିଲେ। ସେହିପରି ଉପାଧକ୍ଷ ସୁଶୀଲ କୁମାର ରଥ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଓଏସ୍‌ଏପିର ଶହୀଦ ସୈନିକ ଅଶୋକ ବେହେରାଙ୍କ ପିତା ଦୁଷ୍ଟ ବେହେରା ଓ ଶହୀଦ ପରମେଶ୍ୱର ବିଶାଳଙ୍କ ସହଧର୍ମିଣୀ ସଙ୍ଗୀତା ବିଶାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗୀତ, ନୃତ୍ୟ, ନାଟକ ଆଦି ପରିବେଷିତ ହୋଇଥିଲା। ଏନ୍‌ସିସି ସିଟିଓ ଅଭିଷେକ ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

# ନେହେରୁ ଯୁବକେନ୍ଦ୍ରର କ୍ରୀଡ଼ା ପ୍ରତିଯୋଗିତା

ବରଗଡ଼ ଅଫିସ୍/ବରପାଲି,୧୭।୧

ବରଗଡ଼ ଜିଲା ବରପାଲି ବ୍ଲକ ଝୁଲୋପାଲି ଗ୍ରାମରେ ବାପୁଜୀ ଆଥ୍‌ଲେଟିକ ଆସୋସିଏଶନ ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୂଲ୍ୟରେ କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ର ଅଧିକାରୀ ରୋଶନ ଟଣ୍ଡନ, ଉପଦେଷ୍ଟା କମିଟି ସଭ୍ୟ ତ୍ରିଲୋଚନ ଶତପଥୀ, ପୂର୍ବତନ ସରପଞ୍ଚ ସୁଦାମ କଲେତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ କାଇଁଶିର ଚାମ୍ପିୟନ ଏବଂ ଜାରିଂ ରନର୍ସ ଅପ୍ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଏବଂ ଟିକାଏତ ମହତ୍ତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଦଳ ଏବଂ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଯଶୋବନ୍ତ ପୂଜାରୀ, ଦନାର୍ଦ୍ଦନ ପଣ୍ଡା, ହେମନ୍ତ କୁମାର ସାମଲ ଖେଳ ପରିଚାଳନା କରିଥିଲେ। ଅନିଲ ସାହୁ, ତୁଳସୀରାମ ବରିହା, କ୍ଷୀରସିନ୍ଧୁ ଭୋଇ, ଶୋଭା ବରିହା, ପରୀକ୍ଷିତ ଭୋଇ, ଅନିଲ ପ୍ରଧାନ, ଭୁଲା ଭୋଇ, ପ୍ରହଲ୍ଲାଦ ପ୍ରଧାନ ସହଯୋଗ କରିଥିଲେ। ରମେଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



କୃତୀ ଦଳକୁ ପୁରସ୍କୃତ କରାଯାଉଛି।

# ଅତାବିରା, ବିଜେପୁର, ପଦ୍ମପୁର, ବରଗଡ଼ ବିଜୟୀ

**ଜିଲାସ୍ତରୀୟ ବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା**

ବରଗଡ଼ ଅଫିସ, ୧୭।୧

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ନୂଆଗଡ ଲକ୍ଷ୍ମୀ ନାରାୟଣ ଉଚ୍ଚବିଦ୍ୟାଳୟ ପରିସରରେ ଚାଲିଥିବା ଜିଲାସ୍ତରୀୟ ବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତାର ପ୍ରଥମ ଦିବସରେ ମୋଟ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭଟଲି ବିଇଓ ସରୋଜ କୁମାର ଭୁଏଙ୍କ ନେତୃତ୍ୱରେ ଭଟଲି ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ଅତାବିରା ଓ ଭଟଲି ଏକାଦଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଅତାବିରା ଏକାଦଶ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨୪୩ ରନ ସଂଗ୍ରହ କରିଥିଲା। ଜବାବରେ ଭଟଲି ଏକାଦଶ ସମସ୍ତ ଉଇକେଟ ହରାଇ ମାତ୍ର ୭୭ ରନ ସଂଗ୍ରହ କରିଥିଲା। ଅତାବିରା ଏକାଦଶ ପକ୍ଷରୁ ବିରଞ୍ଜନ ଗର୍ଡିଆ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ବିଜେପୁର ଓ ପାଇକମାଳ ଏକାଦଶ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ପ୍ରତିଯୋଗିତାରେ ପାଇକମାଳ ଏକାଦଶ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୨୯ ରନ ସଂଗ୍ରହ କରିଥିଲା। ଜବାବରେ ବିଜେପୁର ଦଳ ୧୩୩ ରନ କରି ବିଜୟୀ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଜେପୁର ଏକାଦଶର ଡାକ୍ତର ମେହେର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଜିଲା ପରିଷଦ ସଭ୍ୟ ଈଶ୍ୱର ଚନ୍ଦ୍ର ସାହୁ, ଶାଖା ପରିଚାଳକ ବିଭୂପଦ ସାହୁ ଏବଂ ଭଟଲି କ୍ରୀଡ଼ା ସଂଘ ସଭାପତି ସୁନିଲ ପଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

ସେହିପରି ନୂଆଗଡ ଲକ୍ଷ୍ମୀ ନାରାୟଣ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ପଦ୍ମପୁର ଓ ଭେଡେନ ଏକାଦଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ପଦ୍ମପୁର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜୟେସ ଗର୍ଗ ୬୪ ରନ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଭେଡେନ ବ୍ଲକ ସମସ୍ତ ଉଇକେଟ ହରାଇ ମାତ୍ର ୧୫୫ ରନ ସଂଗ୍ରହ ପୂର୍ବକ ପରାସ୍ତ ହୋଇଥିଲା। ପରେ ବରଗଡ଼ ଏକାଦଶ ଓ ସୋହେଲା ଏକାଦଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ସୋହେଲା ଏକାଦଶ ଟସ ଜିଣି ବରଗଡ଼ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ବରଗଡ଼ ଏକାଦଶ ନିର୍ଦ୍ଧାରିତ ଓଭରରେ ୨୨୬ ରନ ସଂଗ୍ରହ କରିଥିଲା। ଜବାବରେ ସୋହେଲା ଏକାଦଶ ମାତ୍ର ୧୦୬ ରନ କରି ପରାଜିତ ହୋଇଥିଲା। ବରଗଡ଼ ଏକାଦଶର ଅଜୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସ୍ଥାନୀୟ ସରପଞ୍ଚ ଦୁର୍ବାସା ପଧାନ, ନୂଆଗଡ କ୍ରୀଡ଼ା ସଂଘ ସଭାପତି ସତ୍ୟରାମ ଖମାରୀ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶିଲ କୁମାର ସାହୁ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିବୃନ୍ଦ।

# ରାଉରକେଲାରେ ପହଞ୍ଚିଲେ ସାଉଥ୍ ଆଫ୍ରିକା ଓ ଫ୍ରାନ୍ସ ହକି ଦଳ





ରାଉରକେଲା ଅଫିସ,୧୭।୧

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆସନ୍ତା ୨୦ ତାରିଖରେ ୪ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ଅଷ୍ଟ୍ରେଲିଆ ଓ ସାଉଥ୍ ଆଫ୍ରିକା, ଦ୍ୱିତୀୟ ମ୍ୟାଚ୍ ଫ୍ରାନ୍ସ ଓ ଆର୍ଜେଣ୍ଟିନା, ତୃତୀୟ ମ୍ୟାଚ୍ ବେଲଜିୟମ ଓ ଜାପାନ ଏବଂ ୪ର୍ଥ ମ୍ୟାଚ୍ କୋରିଆ ଓ ଜର୍ମାନୀ ମଧ୍ୟରେ ଖେଳାଯିବ। ଏଥିପାଇଁ ମଙ୍ଗଳବାର ଦୁଇଟି ଚାର୍ଟାର୍ଡ ପ୍ଲେନ୍‌ରେ ଆସି ସାଉଥ୍ ଆଫ୍ରିକା ଓ ଫ୍ରାନ୍ସ ଦଳ ରାଉରକେଲାରେ ବିମାନ ବନ୍ଦରରେ ପହଞ୍ଚିଥିଲେ। ରାଉରକେଲା ବିମାନବନ୍ଦରରେ ସାଉଥ ଆଫ୍ରିକା ଦଳ ପହଞ୍ଚିବା ପରେ ଦଳର ମୁଖ୍ୟ କୋଚ୍ ଚେସ୍‌ଲିନ ଗି ଓ ଅଧିନାୟକ ଡେଏନ କେସିମ୍‌ଙ୍କ ସହ ସମସ୍ତ ଖେଳାଳି ବିମାନବନ୍ଦର ବାହାରେ ଥିବା ମିଡିଆଷ୍ଟାଣ୍ଡକୁ ଯାଇ ଫଟୋ ଉଠାଇଥିଲେ। ସେଠାରୁ ସେମାନଙ୍କୁ କଡା ସୁରକ୍ଷା ବଳୟ ମଧ୍ୟରେ ଭଲ୍‌ବୋ ବସ୍‌ରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମର ହକି ଭିଲେଜକୁ ପାଛୋଟି ନିଆଯାଇଥିଲା। ସେହିପରି ଅପରାହ୍ନ ସାଢେ ୩ଟାରେ ଫ୍ରାନ୍ସ ଦଳର ସମସ୍ତ ଖେଳାଳି ରାଉରକେଲା ବିମାନବନ୍ଦରରେ ପହଞ୍ଚିଥିଲେ। ଫ୍ରାନ୍ସର ମୁଖ୍ୟ କୋଚ୍ ଫିଲିପ୍ ବୋଜନ ଓ ଅଧିନାୟକ ଡେମିନ ଫ୍ଲୋଓରିଙ୍ଗ ସହ ସମସ୍ତ ଖେଳାଳିଙ୍କୁ ବିର୍ସା ମୁଣ୍ଡା ଷ୍ଟାଡିୟମକୁ ନିଆଯାଇଥିଲା। କୋଚ୍ ଫିଲିପ୍ ନବନିର୍ମିତ ବିର୍ସା ମୁଣ୍ଡା ଷ୍ଟାଡିୟମକୁ ଦେଖି ପ୍ରଶଂସା କରିଥିଲେ।

## ୩ ଦିନ ବିର୍ସା ମୁଣ୍ଡା ଷ୍ଟାଡିୟମ ବୁଲିପାରିବେ ଜନସାଧାରଣ

ରାଉରକେଲା ଅଫିସ,୧୭।୧

ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ୩ ଦିନ କୌଣସି ମ୍ୟାଚ୍ ନ ଥିବାରୁ ସର୍ବସାଧାରଣ ଷ୍ଟାଡିୟମ ପରିସର ବୁଲି ଦେଖିପାରିବେ। ଏଥିପାଇଁ କୌଣସି ଟିକେଟ ଆବଶ୍ୟକତା ନାହିଁ। ସର୍ବସାଧାରଣ ହକି ଖେଳ ବିଷୟରେ ଅବଗତ ହୋଇପାରିବେ। ଜାନୁଆରୀ ୧୯ ପରେ ସର୍ବସାଧାରଣ ଯାତାୟାତ ବନ୍ଦ ହେବା ସହ ପୁନଃ ଟିକେଟ ବ୍ୟବସ୍ଥା କରାଯିବ। ମଙ୍ଗଳବାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଦେଖିବା ପାଇଁ ଭିଡ଼ ଦେଖିବାକୁ ମିଳିଥିଲା। ବିଶେଷ କରି ସହର ଭିତରେ ଥିବା ଓଲି ୱାର୍ଲଡରେ ସହରବାସୀ ସେଲ୍‌ଫି ନେଇଥିଲେ। ଏହାସହ ଷ୍ଟାଡିୟମର ଦକ୍ଷିଣ ପାର୍ଶ୍ୱରେ ଥିବା ବଗିଚାକୁ ଲୋକେ ଦେଖିଥିଲେ। ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାବେଳେ ଏହା ରାଉରକେଲା ତଥା ଜିଲାର ଗର୍ବ ଓ ଗୌରବ ବୋଲି ଷ୍ଟାଡିୟମ ବୁଲି ଆସିଥିବା ଦର୍ଶକ ମତପ୍ରକାଶ କରିଥିଲେ।

## ସଂକ୍ଷେପରେ

### ଲହୁଣୀପଡ଼ାରେ ଯୁଗ୍ମ ଜନଶୁଣାଣି

ଲହୁଣୀପଡା, ୧୭।୧(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଲହୁଣୀପଡ଼ା ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ। ଜନଶୁଣାଣିରେ ଲହୁଣୀପଡ଼ା ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରୁ ଲୋକମାନେ ଅଭିଯୋଗ ନେଇ ଆସିଥିଲେ। ଏଥିରେ ଆସିଥିବା ମୋଟ ୫୬ଟି ଅଭିଯୋଗ ଭିତରୁ ୪ଟିର ତୁରନ୍ତ ସମାଧାନ କରାଯାଇଥିଲା। ଲୋକମାନେ ଆବାସ ଯୋଜନା, ରାସ୍ତା, ଡ୍ରେନ, ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟା, ରାସନ କାର୍ଡ, ସ୍ୱାସ୍ଥ୍ୟ, ଗ୍ରାମ୍ୟ ରାସ୍ତା, ଶୌଚାଳୟ, ପୋଖରୀ ପୁନରୁଦ୍ଧାର, ଅଙ୍ଗନୱାଡି, ସ୍କୁଲ ଆଦି ସମସ୍ୟା ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏସବୁ ଅଭିଯୋଗଗୁଡ଼ିକ ବିଚାରକରି ତୁରନ୍ତ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୧୮ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା କାର୍ଡ ପ୍ରଦାନ କରାଯାଇଥିଲା। ସେହିପରି ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଜନଶୁଣାଣିରେ ବଣାଇ ଉପଜିଲାପାଳ ସୁରଞ୍ଜନ ସାହୁ, ବଣାଇ ଏସଡିପିଓ ସ୍ୱରାଜ ଦେବତା, ଡେପୁଟି କଲେକ୍ଟର (ଆପାତକାଳୀନ) କୁନ୍ତୀରାଣୀ ନାୟକ, ଲହୁଣୀପଡ଼ା ତହସିଲଦାର ସୌଦାମିନୀ ନାୟକ ଏବଂ ଲହୁଣୀପଡ଼ା ବିଡିଓ ଧାନାଇଚରଣ ଟୁଡୁଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

### ବିଷପିଇ ଛାତ୍ରୀଙ୍କ ଆତ୍ମହତ୍ୟା

ଲହୁଣୀପଡ଼ା,୧୭।୧(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ପଞ୍ଚାୟତ ବାନ୍ଦୁପଡା ଗ୍ରାମର ଦୀପ୍ତିମୟୀ ମାଝି (୧୭) ନାମ୍ନୀ ଜଣେ କଲେଜ ଛାତ୍ରୀ ବିଷପାନ କରି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଦୀପ୍ତିମୟୀ ବଣାଇ କଲେଜର ଯୁକ୍ତ ଦୁଇ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଦୀପ୍ତିମୟୀ ବାନ୍ଦୁପଡା ଗ୍ରାମର କୁସୁନୁ ମାଝିଙ୍କ ଝିଅ। କୌଣସି କାରଣ ଯୋଗୁ ଦୁଇ ଭଉଣୀ ମଧ୍ୟରେ ଝଗଡା ହୋଇଥିଲା। ଫଳରେ ଦୀପ୍ତିମୟୀ ବିଷପାନ କରିଥିଲେ। ପରିବାର ଲୋକ ଚିକିତ୍ସା ପାଇଁ ତାଙ୍କୁ ତୁରନ୍ତ ଲହୁଣୀପଡ଼ା ଡାକ୍ତରଖାନାକୁ ଆଣିଥିଲେ ମଧ ଅବସ୍ଥା ଗୁରୁତର ଥିବାରୁ ବଣେଇ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କେ.ବଲାଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ବୁଧବାର ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

### ତିଲେଇକାନୀ ହକି ଷ୍ଟାଡିୟମକୁ ମିଳିଲା ଏଫ୍ଆଇଏଚ୍ ସ୍ୱୀକୃତି

ସୁନ୍ଦରଗଡ଼, ୧୭।୧(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ତିଲେଇକାନୀ ହକି ଷ୍ଟାଡିୟମକୁ ଏଫ୍ଆଇଏଚ୍ ସ୍ୱୀକୃତି ପ୍ରଦାନ କରିଛି। ଏହି ଷ୍ଟାଡିୟମକୁ କାଟାଗୋରୀ-୩ ମାନ୍ୟତା ମିଳିଛି। ୨୦୨୫ ଡିସେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ଏହି ମାନ୍ୟତା ବଳବତ୍ତର ରହିବ ବୋଲି ଜଣାପଡିଛି। ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ତିଲେଇକାନୀ ଷ୍ଟାଡିୟମ ଆଗାମୀ ଦିନରେ ହକି ଭିତ୍ତିଭୂମିକୁ ସୁଦୃଢ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି।

# ହକି ବିଶ୍ୱକପ୍ ଟ୍ରଫି ସ୍ୱାଗତ ଶୋଭାଯାତ୍ରାବେଳେ ଉତ୍ତେଜନା

**ପୂର୍ବତନ ବିଧାୟକ ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ମଧ୍ୟରେ କଥା କଟାକଟି**

ସୁନ୍ଦରଗଡ଼,୧୭।୧(ଡି.ଏନ୍.ଏ.)

ପୁରୁଷ ହକି ବିଶ୍ୱକପ୍ ଟ୍ରଫିକୁ ମଙ୍ଗଳବାର ସୁନ୍ଦରଗଡ଼ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ୱାଗତ ସମ୍ବର୍ଦ୍ଧନା ଶୋଭାଯାତ୍ରା ଚାଲିଥିବାବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲିଙ୍କ ଉପସ୍ଥିତିରେ ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ ସିଂହ ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମନୋଜ ସତ୍ୟବାନ ମହାଜନଙ୍କ ମଧ୍ୟରେ କଥା କଟାକଟି ହେବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସହରର ଲୁହୁରାଢିପା, ମହେଶଡିହିଠାରେ



ଜିଲାପାଳ ଓ ଉନ୍ନୟନ ଅଧିକାରୀଙ୍କୁ ପୋଲିସ କର୍ଡନରେ ନିଆଯାଉଛି।

ହକି ବିଶ୍ୱକପ୍ ଟ୍ରଫି ପହଞ୍ଚିଲା ପରେ ସେଠାରେ ପ୍ରଶାସନ ଓ ସ୍ଥାନୀୟ ଜନତା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ପରେ ଟ୍ରଫି ମହିଳା ମହାବିଦ୍ୟାଳୟ ନିକଟ ବୟନିକା ଛକଠାରେ ପହଞ୍ଚିବା ପରେ ବିଶ୍ୱକପ୍ ଟ୍ରଫି ରଖାଯାଇଥିବା ଗାଡ଼ି ଉପରକୁ ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ ସିଂହ ଓ ତଳସରାର ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ ମାଝି ଚଢ଼ିଥିଲେ। ପୂର୍ବତନ ବିଧାୟକ ସିଂ ଗାଡ଼ି ଉପରକୁ ଚଢ଼ିଥିବା ସମୟରେ କଟକଣା ଥିବାରୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମନୋଜ ସତ୍ୟବାନ ମହାଜନ ତାଙ୍କୁ ହାତଧରି ତଳକୁ ଓହ୍ଲାଇ ଦେଇଥିଲେ। ଡା. ମାଝିଙ୍କୁ ମଧ୍ୟ ଓହ୍ଲାଇ ଯିବାକୁ କହିଥିଲେ। ଏହାକୁ ନେଇ ଯୋଗେଶ ସିଂ ଓ ତାଙ୍କ ସମର୍ଥକମାନେ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସହିତ ଯୁକ୍ତିତର୍କ କରିଥିଲେ। କିଛି ସମୟ କଥା କଟାକଟି ଚାଲିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ସମୟରେ ପ୍ରବଳ ପାଟିତୁଣ୍ଡ ଓ ଠେଲାପେଲା ହୋଇଥିଲା। ପାଖରେ ସୁନ୍ଦରଗଡ଼ ଜିଲାପାଳ ପରାଗ ହର୍ଷଦ ଗାଭାଲି ମଧ ଉପସ୍ଥିତ ଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ପୋଲିସ ଫୋର୍ସ ପହଞ୍ଚି ସମାଧାନ କରିବା ସହ ଜିଲାପାଳ ଓ ଉନ୍ନୟନ ଅଧିକାରୀଙ୍କୁ ସେଠାରୁ କର୍ଡନ କରି ନେଇ ଯାଇଥିଲେ। ଯୋଗେଶ ଓ ଡା. ମାଝିଙ୍କୁ ଦୁର୍ବ୍ୟବହାର କରାଯାଇଛି ବୋଲି ଉଭୟେ ଅଭିଯୋଗ କରିଥିଲାବେଳେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ରଞ୍ଜନ



@ ସତ୍‌ମନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସୁନ୍ଦରଗଡ଼ରେ ଟ୍ରଫିକୁ ଭବ୍ୟ ସମ୍ବର୍ଦ୍ଧନା

ସୁନ୍ଦରଗଡ଼,୧୭।୧(ଡି.ଏନ.ଏ.)

ହକିରଗଡ଼ ସୁନ୍ଦରଗଡ଼ରେ ସୋମବାର ସନ୍ଧ୍ୟାରେ ହକି ବିଶ୍ୱକପ୍ ଟ୍ରଫି ପହଞ୍ଚିବା ପରେ ପ୍ରଥମେ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ମାନବ ଶୃଙ୍ଖଳ କରି ପାଛୋଟି ଆଣିଥିଲେ। ମହାବିଦ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ମନୋଜ ସତ୍ୟବାନ ମହାଜନ, ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡା. ଦିଲୀପ ଷଡ଼ଙ୍ଗୀ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ, ବରିଷ୍ଠ ପ୍ରାଧ୍ୟାପିକା ଡ.କୁମୁଦିନୀ ରାଉତରାୟ, ପୁରାତନ ଛାତ୍ର ସଂଘର ଚିରବ୍ରତ ଦତ୍ତ, ବିଶ୍ୱ ହୋତାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ରୀଛାତ୍ର



ମହିଳାମାନେ ଶଙ୍ଖ ଫୁଙ୍କି ବିଶ୍ୱକପ୍ ହକି ଟ୍ରଫିକୁ ସ୍ୱାଗତ କରୁଛନ୍ତି।

ଟ୍ରଫିକୁ ସ୍ୱାଗତ ଜଣାଇ ଭାରତର ବିଜୟ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବାଲୁକା କଳା, ରଙ୍ଗୋଲି, ସାଂସ୍କୃତିକ ନାଚ, ଗୀତ ଆୟୋଜିତ ହୋଇଥିଲା। ମଙ୍ଗଳବାର ସକାଳୁ ନୂଆ ବସଷ୍ଟାଣ୍ଡଠାରୁ ହକି ବିଶ୍ୱ କପ୍ ଟ୍ରଫିକୁ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା। ବିଧାୟିକା କୁସୁମ ଟେଟେ, ନଗରପାଳ ତନୟା ମିଶ୍ର, ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ଏସ୍‌ଡିସିସି ଚେୟାରମେନ ବିନୟ ଟପ୍ପୋ ପ୍ରମୁଖ ଏହି ସ୍ୱାଗତ ଶୋଭାଯାତ୍ରାରେ ସାମିଲ ଥିଲେ। ପାରମ୍ପରିକ ବିଭିନ୍ନ ଆଦିବାସୀ ନୃତ୍ୟ, ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ର, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ସାଧାରଣ ନାଗରିକ ସାମିଲ ଥିଲେ। ଏହି ଟ୍ରଫି ଜିଲାର ୧୭ଟି ବ୍ଲକ ଓ ୩ଟି ପୌରପାଳିକା ପରିକ୍ରମା କରିବ।

## ୨୯ରେ ପୁରାତନ ଛାତ୍ର ପରିଷଦ ମହାସମ୍ମିଳନୀ

ରାଉରକେଲା ଅଫିସ,୧୭।୧

ରାଉରକେଲା ସରକାରୀ ସ୍ୱୟଂ ସାଶିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି ପୁରାତନ ଛାତ୍ର ପରିଷଦ ମହାସମ୍ମିଳନୀ। ଏହା ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ସକାଳ ପ୍ରାୟ ୧୦ଟାରେ ସ୍ଥାନୀୟ କଲେଜରେ ଏକ ଖବରଦାତା ସମ୍ମିଳନୀରେ ରାଉରକେଲା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ ସୂଚନା ଦେଇଛନ୍ତି। ରାଉରକେଲା ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ କଲେଜରେ ଅଧ୍ୟୟନରତ ପ୍ରାୟ ୧୦ହଜାର ବିଦ୍ୟାର୍ଥୀଙ୍କ ପାଇଁ ପୁରାତନ ଛାତ୍ର ପରିଷଦ ମହାସମ୍ମିଳନୀ ଏକ ସୁବର୍ଣ୍ଣ ସୁଯୋଗ ସାବ୍ୟସ୍ତ ହେବ। କେବଳ ରାଉରକେଲା ନୁହେଁ ରାଜ୍ୟ, ଦେଶ ତଥା ଦେଶ ବାହାରୁ ଏହି କଲେଜରୁ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ ସାମ୍ବିଧାନିକ ପଦପଦବୀରେ ଥିବା ବ୍ୟକ୍ତି ବିଶେଷ ଏଥିରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଥିଲା। ଆଲୁମ୍ନି କମିଟିର ଆବାହକ ଗିରିଶ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସମର ମୁଦାଲି, ଅବସରପ୍ରାପ୍ତ ପ୍ରଫେସର ଡଃ ପ୍ରେମଲତା ଖଣ୍ଡୁଆଳ, ଅଧ୍ୟାପକ ପ୍ରଦୀପ କୁମାର ଖେସ, ଅଧ୍ୟାପକ ତଥା ମୋ କଲେଜ ସଂଯୋଜକ ସମୀର ପୃଷ୍ଟି, ସମ୍ପାଦକ ରୋଶନ ସାହୁ, ରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମାଣିକେଶ୍ୱରୀ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ



ହେମଗିର,୧୭।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ମାଣିକେଶରୀ ଡିଗ୍ରୀ କଲେଜ ଗଡତୁମୁଲିଆଠାରେ ମଙ୍ଗଳବାର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ହେମଗିର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମରୁ ଡିଗ୍ରୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦଉଡ, ଲମ୍ବଜମ୍ପ, ହାଇଜମ୍ପ, ସଟପୁଟ ଆଦି ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଯୁକ୍ତ ତିନି ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଜେନା, ଯୁକ୍ତ ଦୁଇର ଅଧ୍ୟକ୍ଷ ଖଗେନ୍ଦ୍ର ପ୍ରସାଦ ଅଗସ୍ତି, ହାଇସ୍କୁଲର ପ୍ରଧାନ ଶିକ୍ଷକ ସହଦେବ ମହାକୁଡ, ଶରତ କୁମାର ପଟେଲ, ବ୍ରଜେସ ସାହୁ, ଅକ୍ଷୟ ସାହୁ, ସରୋଜ ମିଶ୍ର, ସୁଶମା ନାଏକ, ଖେଳ ଶିକ୍ଷକ ଜିତେନ୍ଦ୍ର ମହାପାତ୍ର, ପ୍ରମୋଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସର ଭାରତ ଯୋଡୋ ପରିବର୍ତ୍ତନ ଯାତ୍ରା

ସୁନ୍ଦରଗଡ଼,୧୭।୧(ଡି.ଏନ.ଏ.): କଂଗ୍ରେସ ତରଫରୁ ବାହାରିଥିବା ଭାରତ ଯୋଡୋ ପରିବର୍ତ୍ତନ ଯାତ୍ରା ମଙ୍ଗଳବାର ସୁନ୍ଦରଗଡରେ ପହଞ୍ଚି ଥିଲା। ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଯାତ୍ରାକୁ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ଯାତ୍ରା ସ୍ଥାନୀୟ ପାଲ ହୋଟେଲ ଛକ, ଡିଆରଡିଏ ଛକ, ହସପିଟାଲ ଛକ ଦେଇ ଭଷ୍ମା ପର୍ଯ୍ୟନ୍ତ ଯାଇଥିଲା। ଆୟୋଜିତ ପଥପ୍ରାନ୍ତ ସଭାରେ ପିସିସି ସଭାପତି ପଟ୍ଟନାୟକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ। ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ ପ୍ରମୁଖ ବହୁ ନେତା ଉପସ୍ଥିତ ଥିଲେ। ବଣାଇର ବିଜେଡି ଓ ଭାଜପାର ବହୁ ନେତା ଓ କର୍ମୀ କଂଗ୍ରେସରେ ସାମିଲ ହୋଇଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଲହୁଣୀପଡ଼ା,୧୭।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ଛାତ୍ରୀମାନଙ୍କର ଆଠ ଦିନ ଧରି ଚାଲିଥିବା ଆତ୍ମ ରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇ ଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଲତିକା ବେଶ୍ରା ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ରକ୍ଷା ସମ୍ପର୍କରେ ଅବଗତ କରାଇବା ସହିତ ପରିସ୍ଥିତିରେ ନିଜେ ନିଜକୁ କେମିତି ରକ୍ଷା କରିପାରିବେ ସେଥିପାଇଁ ଏହି ତାଲିମ ଗ୍ରହଣ କରିବା ଆବଶ୍ୟକ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ପରିଚାଳନା ଅଧିକାରୀ ଅଧ୍ୟାପିକା ସୋମଦତ୍ତା ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ବାସନ୍ତୀ ମାହାଲି ଓ ନାଗି ଓରାମ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଆତ୍ମ ରକ୍ଷା ତାଲିମ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ମମତା ମାହାନ୍ତ, ନିବେଦିତା ମାହାନ୍ତ, ଶୁସିଲ ଓରାମ, ନିରଞ୍ଜନ ଓଝାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।




ଆତ୍ମ ରକ୍ଷା ତାଲିମ ଶିବିର ଉଦ୍‌ଯାପନୀରେ ସାର୍ଟିଫିକେଟ ପ୍ରଦାନ କରାଯାଉଛି।

# ଦେବଗଡ଼ରେ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ଦେବଗଡ, ୧୭।୧(ଡି.ଏନ.ଏ)

ଦେବଗଡ଼ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗତ ୧୧ ରୁ ଆୟୋଜିତ ହେଉଥିବା ସଡକ ସୁରକ୍ଷା ସପ୍ତାହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଦେବଗଡ ସହରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୋମେସ କୁମାର ଉପାଧ୍ୟାୟ ଯୋଗଦେଇ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିସହ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଅଙ୍କୁର କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ଏହି ସଚେତନତା ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲ। ଏଥିରେ ସ୍ଥାନୀୟ ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟ ଏବଂ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇ ହାତରେ ବିଭିନ୍ନ ସଚେତନତା ବାର୍ତ୍ତା ଲେଖାଯାଇଥିବା ପ୍ଲାକାର୍ଡ ଧରି ସହର ପରିକ୍ରମା କରିବା ସହ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସଡକ ସୁରକ୍ଷା ସପ୍ତାହ ଅବସରରେ ୭ଦିନ ଧରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ବିଶେଷକରି ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ଏଲଇଡି ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା ଉପରେ ସଚେତନ କରାଯାଇଥିଲା। ଏଥିସହ ବିଭିନ୍ନ ସ୍ଥାନରେ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଆଞ୍ଚଳିକ ପରିବହନ ବିଭାଗର ସମସ୍ତ କର୍ମଚାରୀ, ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସାମିଲ ହୋଇଥିଲେ।




ଜିଲାପାଳ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

**ଆତ୍ମରକ୍ଷା ତାଲିମ ଶିବିର**

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା କଲେଜରେ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । କଲେଜ ଅଧ୍ୟକ୍ଷ ଗୋବିନ୍ଦ ସାହୁ ଶିବରକୁ ଉଦ୍‌ଘାଟନ କରିଥିଲେ। ଉପଯୁକ୍ତ ତାଲିମ ଗ୍ରହଣ କରି ଆବଶ୍ୟକ ସମୟରେ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ ଅଧ୍ୟକ୍ଷ ସାହୁ। ଅଧ୍ୟାପିକା ତୃପ୍ତିମୟୀ ନାୟକ ଓ ଗୀତାଞ୍ଜଳି ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ ଜଣ ପ୍ରଶିକ୍ଷିକା ତାଲିମ ପ୍ରଦାନ କରୁଛନ୍ତି। ଶିବିର ଆଠଦିନ ଧରି ଚାଲିବ ବୋଲି କୁହାଯାଇଛି।

# 'ଆଦିବାସୀ, ବନବାସୀଙ୍କୁ ମିଳିନି ଅଧିକାର'

### ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀକୁ ପୂରିଲାଣି ୧୪ବର୍ଷ

- ଜିନ୍ଦାବାଦ ସଙ୍ଗଠନ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ ଦଫା ଦାବିପତ୍ର ପ୍ରଦାନ
- ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଦିଆଯାଉନି

**ବଲାଙ୍ଗୀର ଅଫିସ, ୧୭।୧**

ଜଙ୍ଗଲ ଅଧିକାର ଆଇନ ୨୦୦୬ କାର୍ଯ୍ୟକାରୀ ହେବା ଇତିମଧ୍ୟରେ ୧୪ ବର୍ଷ ବିତିଯାଇଛି। ହେଲେ ଏଯାଏ ବଲାଙ୍ଗୀର ଜିଲାର ଆଦିବାସୀ ଏବଂ ପାରମ୍ପରିକ ବନବାସୀଙ୍କୁ ଆଇନ ସ୍ୱୀକୃତ ଅଧିକାର ମିଳିନାହିଁ। ଏହାର ପ୍ରତିବାଦରେ ଜିନ୍ଦାବାଦ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଶତାଧିକ ଆଦିବାସୀ ଏବଂ ପାରମ୍ପରିକ ବନବାସୀ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ଘେରାଉ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ ଦଫା ଦାବିପତ୍ର ପ୍ରଦାନ କରିଥିଲେ।

ବଲାଙ୍ଗୀର ଯାଦବ ଭବନଠାରୁ ଶୋଭାଯାତ୍ରା ବାହାରି କଚେରୀ ଛକ, ଭାଗିରଥି ଛକ ଦେଇ ଜିଲାପାଳ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ୨୦୦୬, ସଂଶୋଧିତ ନିୟମ ୨୦୧୨ ପୂର୍ଣ୍ଣାଙ୍ଗ କାର୍ଯ୍ୟକାରୀ କରାଯାଇ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପ୍ରଦାନ କରାଯିବାକୁ ଦାବି କରାଯାଇଥିଲା। ଆଇନ ଦେଇଥିବା ଅଧିକାର ଅନୁଯାୟୀ



ଜିଲାପାଳ ଅଫିସ ଘେରାଉ ପାଇଁ ଜିନ୍ଦାବାଦ ସଙ୍ଗଠନ କର୍ମକର୍ତ୍ତା ଶୋଭାଯାତ୍ରାରେ ଯାଉଛନ୍ତି।

ପାରମ୍ପରିକ ବନବାସୀଙ୍କୁ ଜଙ୍ଗଲ ପଟ୍ଟା ପ୍ରଦାନ, ଦଖଲ ପରିମାଣଠାରୁ କମ୍ କରି ଦିଆଯାଉଥିବା ଜମିପଟ୍ଟା ସଂଶୋଧନ, ଜଙ୍ଗଲ ଅଧିକାର କମିଟି (ଏଫଆରସି) ଉପଖଣ୍ଡସ୍ତରରେ ଯେତେ ଆବେଦନ ପତ୍ର ପଡିରହିଛି ତାର ପ୍ରକ୍ରିୟା ଆରମ୍ଭ କରି ଜିଲାସ୍ତରୀୟ କମିଟି (ଡିଏଲସି)କୁ ପଠାଯିବାକୁ ଦାବି କରାଯାଇଛି। ସେହିପରି ଯୁଗ୍ମ ତଦନ୍ତକୁ ତ୍ୱରାନ୍ୱିତ କରିବା ପାଇଁ ରାଜସ୍ୱ ଓ ଜଙ୍ଗଲ ବିଭାଗକୁ କଡା ନିର୍ଦ୍ଦେଶ ଦିଆଯିବା, କାମ୍ପା ଓ ଜାଇକା, ଆମ ଜଙ୍ଗଲ ଅଧିକାର ଯୋଜନା ମାଧ୍ୟମରେ ପାରମ୍ପରିକ ଜଙ୍ଗଲ ନଷ୍ଟ କରି ବ୍ୟବସାୟିକ ଉଦ୍ଦେଶ୍ୟରେ ରୋପଣ କରାଯାଉଥିବା କୃତ୍ରିମ ଜଙ୍ଗଲକୁ ବନ୍ଦ କରିବା, ଗ୍ରାମସଭା ଓ ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟିର ଅନୁମୋଦନରେ ଯୋଜନା ପ୍ରସ୍ତୁତ କରିବା ସହ ୧୩ ଦଫା ଦାବିପୂରଣ କରିବାକୁ ସେମାନେ ଦାବି କରିଥିଲେ। ପ୍ରତିବାଦ ସଭାରେ ଉପଦେଷ୍ଟା ତ୍ରିଲୋଚନ ପୁଞ୍ଜି କହିଥିଲେ ଯେ, ଦୀର୍ଘ ୧୪ବର୍ଷ ହେଲା ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଆଦିବାସୀ ଏବଂ ପାରମ୍ପରିକ ବନବାସୀଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ମିଳିନାହିଁ। ଏହି ଆଇନକୁ ସଠିକ ଭାବେ କାର୍ଯ୍ୟକାରୀ କରିବାକୁ ସେ ଦାବି କରିଥିଲେ। ସାହାରା ପାୱାର ପ୍ଲାଣ୍ଟ ବିରୋଧୀ ମଞ୍ଚର ବାଳକୃଷ୍ଣ ଷାଣ୍ଢ ତାଙ୍କ ବକ୍ତବ୍ୟରେ ଜଙ୍ଗଲ ଅଧିକାର ଆଇନକୁ କାର୍ଯ୍ୟକାରୀ କଲେ ଜଙ୍ଗଲ ସୁରକ୍ଷା ହୋଇପାରିବ ଏବଂ ଲୋକେ ସେମାନଙ୍କ ଜମି ଓ ଜଙ୍ଗଲ ଅଧିକାର ପାଇପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ସଭାପତି ଲୋଚନ ବରିହା, ଦେବରାଜ ବୁଡେକ, କ୍ଷୀରମୋହନ ମାଝି, ଯୁବରାଜ ଧରୁଆ, ଅନ୍ନପୂର୍ଣ୍ଣା ମହାଲିଙ୍ଗ, ସେବିକା ରାଜହଂସ, ଗଙ୍ଗାଧର ମାଝି, ଗୋଲାପ ନିଆଲ, ସନ୍ତୁ ବନ୍‌ଛୋର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଥାନାରେ ରୁଜୁହେଲା ୨ଟି ମାମଲା

**ଖପ୍ରାଖୋଲ ବ୍ଲକରେ ଭଙ୍ଗାରୁଜା, ରାସ୍ତା ଅବରୋଧ ଘଟଣା**

**ଖପ୍ରାଖୋଲ,୧୭।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟରେ ପଶି ବିଡ଼ିଓଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା ଓ ରାସ୍ତା ଅବରୋଧ ଘଟଣାରେ ଖପ୍ରାଖୋଲ ଥାନାରେ ବିଭିନ୍ନ ଦଫାରେ ଦୁଇଟି ମାମଲା ରୁଜୁ ହୋଇଛି। ମାମଲା(ନଂ୧୬/୨୩ ଓ୧୭/୨୩)ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି। ଖପ୍ରାଖୋଲ ବ୍ଲକରେ ପ୍ରଥମ ଥର ଲାଗି ଏଭଳି ଏକ ଅପ୍ରତ୍ୟାଶିତ ଘଟଣା ଘଟିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ମହରାପଦର ପଞ୍ଚାୟତ ସର୍ଗିପାଲି ଗାଁରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଶ୍ରମିକମାନେ ବିକ୍ଷୋଭ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ପରେ କାର୍ଯ୍ୟାଳୟ ଭିତରକୁ ଧସେଇ ପଶି ପୋଲିସ ଉପସ୍ଥିତିରେ ବିଡ଼ିଓଙ୍କ କାର୍ଯ୍ୟାଳୟ ଚୌକି, ଝରକା, ଆସବାବପତ୍ର ଓ ଟିଭି, ଆଦି ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ବିଡ଼ିଓଙ୍କ ଅଭିଯୋଗ ଭିତ୍ତିରେ ଏକ ମାମଲା ରୁଜୁ ହୋଇଛି। ସେହିପରି ବ୍ଲକ ଅଫିସ ସମ୍ମୁଖ ଖପ୍ରାଖୋଲ-ପାଟଣାଗଡ ରାସ୍ତାକୁ ବେଆଇନଭାବେ ଅବରୋଧ କରିବା ଅଭିଯୋଗରେ ଅନ୍ୟ ଏକ ମାମଲା ରୁଜୁ ହୋଇଛି।

## କଳାବ୍ୟାଜ୍ ପିନ୍ଧି କାମ କଲେ ବ୍ଲକ କର୍ମଚାରୀ

**ଜିଲାପାଳଙ୍କୁ ବିଧାୟକଙ୍କ ଦୁର୍ବ୍ୟବହାରକୁ ନିନ୍ଦା**

**ଟିଟିଲାଗଡ,୧୭।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଡିଆରଡ଼ିଏ ସମ୍ମିଳନୀ କକ୍ଷରେ ଗତ ୧୨ ତାରିଖରେ ଅନୁଷ୍ଠିତ ଜିଲା ପରିଷଦ ବୈଠକରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା କିଛୁ କେବିକେ ଯୋଜନା ଟଙ୍କା କଟାଯିବା ଓ ଫାଇଭ ଟି ସ୍କୁଲ ରୂପାନ୍ତରଣ କାମରେ ଅନିୟମିତତାକୁ ନେଇ ଜିଲାପାଳଙ୍କୁ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିଛନ୍ତି ଟିଟିଲାଗଡ ବ୍ଲକ କର୍ମଚାରୀ। ଘଟଣାକୁ ନିନ୍ଦା କରିବା ସହ ସେମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ ଜଣାଇଛନ୍ତି। ବିଡ଼ିଓ ନବୀନ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଏବିଡ଼ିଓ ମେନକା ମେହେର, ବରିଷ୍ଠ କିରାଣି ଗୋପାଳ ଦାସ, ପ୍ରକାଶ ସ୍ୱାଇଁ, ରଶ୍ମି ବେହେରା, ସରୋଜ କୁମ୍ଭାର, କେଦାର ରାଓ, ରାମେଶ୍ୱର ଛତର, ହରି ନାଗ, ଯୁଗଳ ସାହୁ, ତୋଫିକ ଅହମ୍ମଦ ପ୍ରମୁଖଙ୍କ ସହ ସମସ୍ତ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ କଳାବ୍ୟାଜ ପରିଧାନ କରି ପ୍ରତିବାଦ ଜଣାଇଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ପାଇଁ ୬୪୫ଜଣ ତାଲିକାଭୁକ୍ତ

### ଲୋଇସିଂହା ବ୍ଲକ

- ତାଲିକା ପ୍ରକାଶ ପରେ ତେଜୁଛି ଅସନ୍ତୋଷ

**ଲୋଇସିଂହା,୧୭।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପ୍ରଶାସନ ପକ୍ଷରୁ ଆବାସ ଯୋଜନା ହିତାଧିକାରୀ ତାଲିକା ସୋମବାର ପ୍ରଦର୍ଶିତ କରାଯାଇଛି। ବ୍ଲକର ୬୪୫ଜଣ ତାଲିକାଭୁକ୍ତ ହୋଇଛନ୍ତି। କେଉଁଠି ଶାଶୂ-ବୋହୂଙ୍କୁ ଘର ମିଳିଛି ତ, ଆଉ କେଉଁଠି ଗୋଟିଏ ପରିବାରର ଏକାଧିକ ବ୍ୟକ୍ତିଙ୍କୁ ଘର ଆବଣ୍ଟିତ କରାଯାଇଛି । କେତେକ ଗାଁ ମଧ୍ୟ ଏହି ତାଲିକାରୁ ବାଦ୍ ପଡିଥିବା ବେଳେ ଗୋଟିଏ ଗାଁରେ ଜଣେ ମାତ୍ର ତାଲିକାରେ ରହିଥିବା ଦେଖାଯାଇଛି। ବହୁ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡିଛନ୍ତି। ପ୍ରଶାସନ ପକ୍ଷରୁ ଆସନ୍ତା ୨୪ ତାରିଖ ଯାଏ ଅଭିଯୋଗ କରିବା ପାଇଁ ବ୍ଲକରେ ଏକ ବାକ୍ସ ରଖାଯାଇଛି ।

୨୦ ପଞ୍ଚାୟତର ୧୦୮ ଗ୍ରାମକୁ ନେଇ ଲୋଇସିଂହା ପଞ୍ଚାୟତ ସମିତି ଗଠିତ । ମିଳିଥିବା ତଥ୍ୟ ମୁତାବକ ଲୋଇସିଂହା ପଞ୍ଚାୟତରେ ସର୍ବାଧିକ ୬୪ଜଣ ଆବାସ ଯୋଜନା ପାଇଁ ତାଲିକାଭୁକ୍ତ ହୋଇଛନ୍ତି। ଝାରମୁଣ୍ଡା ପଞ୍ଚାୟତରେ ୬୩, ଉପରବାହାଲରେ ୬୨, ହୀରାପୁରରେ ୫୯, କୁଟେନପାଲିରେ ୫୫, ରେଙ୍ଗାଲିରେ ୪୩, ବୁର୍ଡାରେ ୪୦, ବାଦିମୁଣ୍ଡାରେ ୪୦, କାନ୍ଦାଜୁରୀରେ ୩୭, କୁଶଙ୍ଗରେ ୩୫, ରତାଖଣ୍ଡି ପଞ୍ଚାୟତରେ ୩୦ଜଣ ଆବାସ ଯୋଜନାରେ ଘର ପାଇବା ପାଇଁ ତାଲିକାରେ ରହିଛନ୍ତି। ସେହିପରି ସରଗାଡ ପଞ୍ଚାୟତରେ ୨୫, ଯୋଗୀସର୍ଡାରେ ୨୨, ବୁଢୀପଦରରେ ୨୦, ମାଗୁରବେଡାରେ ୧୪, କୁଶମେଲରେ ୧୧, ବାଦିବାହାଲରେ ୧୦, ତଲିଉଡାରରେ ୫ ଓ ଗଡଶଙ୍କର ଡୁଙ୍ଗରିପାଲି ପଞ୍ଚାୟତର ୩ ଜଣ ତାଲିକାଭୁକ୍ତ ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ଜଣାଯାଇଛି। ତଲିଉଡାର ପଞ୍ଚାୟତର ସଦର ଗାଁ ତଲିଉଡାର ୪ ଏବଂ ବୁରୋମୁଣ୍ଡାର ଜଣେ ତାଲିକାରେ ରହିଛନ୍ତି। ପଞ୍ଚାୟତର ଛତାବାହାଲା, ଉଡାର ଓ ବାଗଡିଆ ଗ୍ରାମର ଜଣେ ବି ତାଲିକାରେ ନାହାନ୍ତି। ଏହାକୁ ନେଇ ସ୍ଥାନୀୟ ନାଏବ ସରପଞ୍ଚ ସୋମନାଥ ପଟେଲ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। କେବଳ ତଲିଉଡାର ନୁହେଁ ପ୍ରକାଶିତ ତାଲିକାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ୪ଦିନ ଧରି ଦାଦନ ଶ୍ରମିକ ବନ୍ଧକ

- ସ୍ତ୍ରୀ ଥାନାର ଦ୍ୱାରସ୍ଥ ପରେ ଶ୍ରମିକଙ୍କୁ ଥାନା ଜିମାଦେଲେ ସର୍ଦ୍ଦାର

**ଦେଓଗାଁ,୧୭।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବଡବନ୍ଧ ଗ୍ରାମର ଦାଦନ ଶ୍ରମିକ ସନ୍ୟାସୀ ଚିନ୍ଦାଙ୍କୁ କଣ୍ଟାବାଞ୍ଜିର ଦାଦନ ସର୍ଦ୍ଦାର ଅଟକ ରଖିବା ଅଭିଯୋଗ ହୋଇଥିଲା। ୪ଦିନ ଧରି ବନ୍ଧକ ରଖିବା ପରେ ଶ୍ରମିକଙ୍କ ସ୍ତ୍ରୀ ମମତା ଚିନ୍ଦା ସର୍ଦ୍ଦାର ବର୍ଣ୍ଣିଙ୍କ ବିରୋଧରେ ଦେଓଗାଁ ଥାନାରେ ଅଭିଯୋଗ କରିଥିଲେ। ଥାନାଅଧିକାରୀ ତାରାବତୀ ପ୍ରଧାନ ସମ୍ପୃକ୍ତ ସର୍ଦ୍ଦାରଙ୍କୁ ଫୋନ କରି ଶ୍ରମିକକୁ ଛାଡି ଦେବାକୁ କହିଥିଲେ। ଏହା ପରେ ସର୍ଦ୍ଦାର କେତେକ ସହଯୋଗୀଙ୍କ ସହ ଚିନ୍ଦାଙ୍କୁ ମଙ୍ଗଳବାର ଦେଓଗାଁ ଥାନା ପୋଲିସ ଜିମା ଦେଇଥିଲେ। ଶ୍ରମିକ ଓ ଦାଦନ ସର୍ଦ୍ଦାର ପଠାଇଥିବା ୩ଜଣ ସହଯୋଗୀଙ୍କୁ ପଚରାଉଚରା କରିଥିଲା। ଦାଦନ ସର୍ଦ୍ଦାର ବାହାର ରାଜ୍ୟକୁ କାମ କରିଯିବା ପାଇଁ ବଡବନ୍ଧର ଆଠଜଣ ଶ୍ରମିକଙ୍କୁ ୨୬ ହଜାର ଲେଖାଏ ଓ ଅନ୍ୟ ଦୁଇ ଶ୍ରମିକଙ୍କୁ ୩୦ହଜାର ଟଙ୍କା ଲେଖାଏ ଅଗ୍ରୀମ ଦେଇଥିବା ସର୍ଦ୍ଦାରଙ୍କ ସହଯୋଗୀ କିର୍ତ୍ତନ ସାହୁ, ରାଜୀବ ମାଝି ଓ ମୁକେଶ ନିଆଲ ପୋଲିସକୁ କହିଥିଲେ। ହେଲେ ଅଗ୍ରୀମ ଟଙ୍କା ନ ଦେବାରୁ ସନ୍ୟାସୀଙ୍କୁ ଅଟକ ରଖିଥିଲୁ ବୋଲି କହିଥିଲେ। ଅନ୍ୟପକ୍ଷେ କେସିଙ୍ଗା ରେଳ ଷ୍ଟେଶନରେ ମୋତେ ମାଡମାରି ଦେଇଥିବା ଟଙ୍କା ନେଇ କଣ୍ଟାବାଞ୍ଜି ନେଇ ଅଟକ ରଖିଥିଲେ ବୋଲି ସନ୍ୟାସୀ ପୋଲିସକୁ କହିଥିଲେ। ଥାନାଧିକାରୀ ପ୍ରଧାନଙ୍କୁ ପଚାରିବାରୁ ଘଟଣା କେସିଙ୍ଗା ଥାନା ଅଧିନରେ ଘଟିଥିବାରୁ ସେଠାରେ ଅଭିଯୋଗ କରିବାକୁ କହିଛି। ଶ୍ରମିକଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛୁ ସେ ବୋଲି କହିଛନ୍ତି।

## ନିୟମ ମାନିଲେ ଦୁର୍ଘଟଣା କମିବ


ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସାମିଲ ଶିକ୍ଷୟିତ୍ରୀଶିକ୍ଷକ ଓ ବିଦ୍ୟାର୍ଥୀମାନେ।

**ସଇଁତଳା,୧୭।୧(ଡି.ଏନ.ଏ.)**

ଟ୍ରାଫିକ ନିୟମ ମାନି ଗାଡି ଚାଳନା କଲେ ଦୁର୍ଘଟଣା ହ୍ରାସ ପାଇବ। ଏଥିଯୋଗୁ ଅକାଳରେ ଚାଲି ଯାଉଥିବା ଧନଜୀବନ ହାନୀ ଅନେକାଂଶରେ କମିଯିବ। ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅନ୍ତର୍ଗତ ଡେଙ୍ଗସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଜୁନିୟର ରେଡକ୍ରସ ତରଫରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ଏହି ମତ ରଖିଛନ୍ତି। ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରେଡକ୍ରସ କର୍ମୀ ତଥା ରାଜ୍ୟ ରକ୍ଷକ ପ୍ରୋଗ୍ରାମର ମାଷ୍ଟରଟ୍ରେନର ରାମ ନାରାୟଣ ଦାଶ ସଂଯୋଜନା କରିଥିଲେ। ସମ୍ମାନୀତ ଅତିଥି ଭାବେ ବରିଷ୍ଠ ନାଗରିକ ପଦ୍ମନାଭ ରଣା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଶ ରଣା ଯୋଗଦେଇଥିଲେ। ଅତିଥିମାନେ କହିଥିଲେ ଯେ, କ୍ଷିପ୍ରଗତିରେ ଗାଡି ଚାଳନା କରିବା ଅର୍ଥ ବିପଦକୁ ଆମନ୍ତ୍ରଣ କରିବା। ହେଲମେଟ ନ ପିନ୍ଧି, ମଦ୍ୟପାନ କରି, ମୋବାଇଲରେ ଗପି ଗାଡି ଚଳାଇବା ଆଇନଗତ ଅପରାଧ, ଚାଳକ ପାଇଁ ବିପଦପୂର୍ଣ୍ଣ ବୋଲି ସଚେତନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସଇଁତଳା ଷ୍ଟେଶନ, ନୂଆବସ୍ତି ତଥା ଡେଙ୍ଗ ଗ୍ରାମରେ ଶୋଭାଯାତ୍ରା କରାଯାଇଥିଲା। ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ଦାଶଙ୍କ ପରଲୋକ


ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ଦାଶ ।

**ବଲାଙ୍ଗୀର ଅଫିସ, ୧୭।୧:** ବଲାଙ୍ଗୀର ସହର ଟିକ୍ରାପଡା ନିବାସୀ ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ଦାଶ (୯୧)ଙ୍କ ମଙ୍ଗଳବାର ସକାଳେ ପରଲୋକ ହୋଇଛି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁଁ ସେ କିଛିଦିନ ଧରି ଶଯ୍ୟାଶାୟୀ ଥିଲେ । ପୃଥ୍ୱୀରାଜ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ପରେ ଭୋକେସନାଲ କଲେଜ ଅଧ୍ୟକ୍ଷ ଏବଂ ବଲାଙ୍ଗୀର-ସୋନପୁର ଜିଲା ଶିକ୍ଷା ମଣ୍ଡଳ ପ୍ରଥମ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ଅଶ୍ୱିନୀ, ଅଶୋକ ଓ ଝିଅ ସବିତା ଉପସ୍ଥିତ ଥିଲେ। ସ୍ୱର୍ଗତ ଦାଶଙ୍କ ବିୟୋଗ ଖବର ପାଇଁ ବଲାଙ୍ଗୀର ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ରାଧାକାନ୍ତ ମହାପାତ୍ର, ଦୁର୍ଗାପ୍ରସନ୍ନ ଛୁରିଆ, ଅଶୋକ ମିଶ୍ର, ଡ. ଆଶିଷ ଦାନୀ, କୁଳମଣି ପୁରୋହିତ, ରୋହିତ ଦାସ, ଉମେଶ ଦାଶ ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ତିମ ସତ୍କାର ବେଳେ ଜ୍ୟେଷ୍ଠପୁତ୍ର ଅଶ୍ୱିନୀ ଦାସ ମୁଖାଗ୍ନି ଦେଇଥିଲେ ।

## ଆଠମଲ୍ଲିକ ଚାମ୍ପିୟନ

**ଅଭିମନ୍ୟୁ ସାହୁ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ**

**ଗୁଡ଼ଭେଲା,୧୭।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ମିନିଷ୍ଟାଡିୟମରେ ଗତ ଆଠ ଦିନ ଧରି ଚାଲିଥିବା ଅଭିମନ୍ୟୁ ସାହୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ରାୟଗଡା ଓ ଆଠମଲ୍ଲିକ ମଧ୍ୟରେ ହୋଇଥିଲା। ଏଥିରେ ୧-୦ଗୋଲରେ ଆଠମଲ୍ଲିକ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଆୟୋଜକ କମିଟି ସଭାପତି ତଥା ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଗୁଡ଼ଭେଲା ବିଡିଓ ଗୁରେଶ୍ୱର ଭୋଇ, ତୁଷୁରା ଚିକିତ୍ସାଳୟ ଅଧିକାରୀ ଲଲାଟେନ୍ଦୁ ନାୟକ, ତୁଷୁରା ଏନଏସି ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆଠମଲ୍ଲିକ ଦଳର ପପୁ ବେହେରାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା।


ମନ୍ତ୍ରୀ ଟୁକୁନୀ ସାହୁ ଚାମ୍ପିୟନ ଆଠମଲ୍ଲିକ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

## ତୀର୍ଥଯାତ୍ରାରେ ବାହାରିଲେ ୧୧୪ ବରିଷ୍ଠ ନାଗରିକ

**ବଲାଙ୍ଗୀର ଅଫିସ, ୧୭।୧**

ବଲାଙ୍ଗୀର ଜିଲାର ବିଭିନ୍ନ ବ୍ଲକର ୧୧୪ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାରେ ବୃନ୍ଦାବନ, ମଥୁରା ଓ ଆଗ୍ରା ଯାତ୍ରା କରିଛନ୍ତି। ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରୁ ତୀର୍ଥଯାତ୍ରୀଙ୍କୁ ନେଇ ୩ଟି ବସ୍ ମଙ୍ଗଳବାର ସମ୍ବଲପୁର ଯାଇଛି। ସମ୍ବଲପୁରରୁ ବୁଧବାର ସ୍ୱତନ୍ତ୍ର ତୀର୍ଥ ଯାତ୍ରୀ ଟ୍ରେନ ଯୋଗେ ବୃନ୍ଦାବନ, ମଥୁରା ଓ ଆଗ୍ରା ନିମନ୍ତେ ଯାତ୍ରା କରିବେ। ବରିଷ୍ଠ ତୀର୍ଥ ଯାତ୍ରୀଙ୍କୁ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ଓ ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ କୁମାର ମାରାଣ୍ଡି ସବୁଜ ପତାକା ଦେଖାଇ ଶୁଭକାମନା ଜଣାଇଥିଲେ। ଜିଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର କୁମାର ଦଲାଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ସହକାରୀ ନିର୍ଦ୍ଦେଶକ ଯୋଜନା ସଞ୍ଜୟ କୁମାର ଦୀପ ଉପସ୍ଥିତ ଥିଲେ। ସମସ୍ତ ତୀର୍ଥଯାତ୍ରୀଙ୍କୁ ଜିଲା ଗୋଟିଏ ଲେଖାଏ ସାଲ ଓ ଆବଶ୍ୟକ ମେଡ଼ିସିନ କିଟ୍ ପ୍ରଦାନ କରାଯାଇଛି।

## ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର

**ଖପ୍ରାଖୋଲ,୧୭।୧(ଡି.ଏନ.ଏ.)**

ବଲାଙ୍ଗୀରଜିଲା ଖପ୍ରାଖୋଲ ଓ ହରିଶଙ୍କରରେ ଅବସ୍ଥାପିତ ସିଆରପିଏଫ ୧୮୯ ଏ ଓ ବି ବାଟେଲିଅନ ତରଫରୁ ଖପ୍ରାଖୋଲ ପଞ୍ଚାୟତ ମହୁଲୁଣ୍ଡିଠାରେ ମଙ୍ଗଳବାର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଖବିନ୍ଦର୍ ସିଂହ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ସରପଞ୍ଚ ବେଟିଖାଇ ସେନ୍ଦ୍ରିଆ ଯୋଗଦେଇଥିଲେ। ଶିବିରରେ ୪୩ ଜଣକୁ କମ୍ବଳ ବଣ୍ଟନ ସହ ୩ ମାସିଆ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସେହିପରି ହରିଶଙ୍କର ସିଆରପିଏଫ ବାଟାଲିଆନ ତରଫରୁ ଭାନପୁରଠାରେ ଜନସମ୍ପର୍କ ଶିବିର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସତ୍ୟବୀର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ୧୮୯ ବାଟାଲିଆନ କମାଣ୍ଡାଣ୍ଟ ପାୱାନ କୁମାର ତିୱାରୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମୀନା ଶର୍ମା, ଭାନପୁର ସରପଞ୍ଚ ରୀନା ଜାଲ ଯୋଗଦେଇ ୪୪ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜିଲାରେ ବଢ଼ିଛନ୍ତି ୩ ହଜାର ପକ୍ଷୀ

**ବଲାଙ୍ଗୀର ଅଫିସ, ୧୭।୧:** ଶୀତକାଳୀନ ପକ୍ଷୀଗଣନା ସରିବା ପରେ ବଲାଙ୍ଗୀର ଜିଲାରେ ଗତବର୍ଷ ତୁଳନାରେ ଚଳିତବର୍ଷ ୩ହଜାର ନୂଆ ପ୍ରଜାତିର ପକ୍ଷୀଙ୍କ ଆଗମନ ହୋଇଛି। ବାଲାଙ୍ଗୀର ବନ ବିଭାଗ ପକ୍ଷରୁ କରାଯାଇଥିବା ପକ୍ଷୀ ଗଣନାରେ ଚଳିତବର୍ଷ ଜିଲାର ବିଭିନ୍ନ ଜଳାଶୟ, ନଦୀରେ ୧୫ ହଜାର ୫୦୮ପକ୍ଷୀ ଆସିଥିବା ଗଣନା କରାଯାଇଛି। ଜିଲାକୁ ଟର୍ନ ଷ୍ଟର୍ନ ଅରାଣ୍ଟିଆ, କମନ୍ ସ୍ନାଣ୍ଡପାଇପର ଆକର୍ଲିସ୍ ହାଇପୋଲ୍ୟୁକୋସ୍ ପ୍ରଜାତିର ପକ୍ଷୀ ଆସିଥିବା କୁହାଯାଇଛି। ଗତବର୍ଷ ୧୨,୭୦୨ ପକ୍ଷୀ ତୁଳନାରେ ଚଳିତବର୍ଷର ୧୫,୫୦୮ ପକ୍ଷୀଙ୍କ ଆଗମନ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗତବର୍ଷ ତୁଳନାରେ ୩୦୦୦ ଅଧିକ ପକ୍ଷୀ ଜିଲାକୁ ଆଗମନ ପରିବେଶ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ଜିଲାରେ ଜଙ୍ଗଲ ବୃଦ୍ଧି ପାଉଥିବାରୁ ପକ୍ଷୀମାନେ ନିରାପଦ ମଣୁଥିବା ଡିଏଫ୍‌ଓ ନୀତିଶ କୁମାର ସୂଚନା ଦେଇଛନ୍ତି।

## ରାଜ୍ୟ ସିନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ

### ପାରସ ଏକକ ଚାମ୍ପିୟନ, ଶ୍ରୁତିଙ୍କୁ ଦ୍ୱିମୁକୁଟ

- ହର୍ଷିତା-ଶ୍ରୁତି, ଅଭିଜିତ-ହର୍ଷିତା ଓ ଅମ୍ଳାନ-ତନ୍ମୟଙ୍କୁ ଯୁଗଳ ଟାଇଟଲ

**ବଲାଙ୍ଗୀର ଅଫିସ,୧୭।୧**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ବ୍ୟାଡମିଣ୍ଟନ ଇନ୍‌ଡୋର ଷ୍ଟାଡିୟମଠାରେ ଚାଲିଥିବା ଓଡିଶା ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ପାରସ ମାଥୁର ପୁରୁଷ ଏକକ ଚାମ୍ପିୟନ ହୋଇଛନ୍ତି। ଶ୍ରୁତି ସ୍ୱାଇଁ ଉଭୟ ଏକକ ଓ ଯୁଗଳ ବର୍ଗରେ ଫାଇନାଲ ଜିତି ଦ୍ୱିମୁକୁଟ ହାସଲ କରିଛନ୍ତି। ସେହିପରି ହର୍ଷିତା-ଶ୍ରୁତି ମହିଳା ଯୁଗଳ ବର୍ଗ, ହର୍ଷିତା-ଅଭିଜିତ ମିଶ୍ରିତ ଯୁଗଳ ବର୍ଗ ଓ ଅମ୍ଳାନ-ତନ୍ମୟ ପୁରୁଷ ଯୁଗଳ ବର୍ଗରେ ଟାଇଟଲ ଜିତିଛନ୍ତି। ସମସ୍ତ ବର୍ଗର ସେମି ଫାଇନାଲ ଓ ଫାଇନାଲକୁ ନେଇ ସମୁଦାୟ ୧୩ଟି ମ୍ୟାଚ ଖେଳା ଯାଇଥିଲା । ପୁରୁଷ ଏକକ ବିଭାଗରେ ପାରସ, ଆର୍ଯ୍ୟ ଓ ସୁମନ୍ତ, ସ୍ୱାଧୀନଙ୍କୁ ହରାଇ ଫାଇନାଲରେ ପହଞ୍ଚିଥିଲେ। ଫାଇନାଲରେ ପାରସ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ସୁମନ୍ତଙ୍କୁ ହରାଇ ପୁରୁଷ ଏକକ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ୍‌ଶିପ୍‌ରେ ସଫଳ ହୋଇଥିବା ଖେଳାଳି।

ପୁରୁଷ ଯୁଗଳ ବିଭାଗରେ ଅମ୍ଳାନ-ତନ୍ମୟ ଓ ଅଭିଜିତ-ଅମ୍ରିତଙ୍କ ଯୋଡି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରୋମାଞ୍ଚକର ଫାଇନାଲ ଖେଳରେ ଅମ୍ଳାନ- ତନ୍ମୟ ଯୋଡି ବାଜି ମାରି ନେଇଥିଲେ। ମହିଳା ଏକକ ବର୍ଗ ସେମିଫାଇନାଲରେ ହର୍ଷିତା ଗୀତାଶ୍ରୀଙ୍କୁ ଓ ଶ୍ରୁତି ସ୍ୱାଗତିକାଙ୍କୁ ହରାଇ ଫାଇନାଲରେ ପଦାର୍ପଣ କରିଥିଲେ । ଫାଇନାଲରେ ଶ୍ରୁତି ପ୍ରତିଦ୍ୱନ୍ଦ୍ୱୀ ହର୍ଷିତାକୁ ପରାସ୍ତ କରି ବିଜୟ ହୋଇଥିଲେ। ମହିଳା ଯୁଗଳ ବିଭାଗ ଫାଇନାଲରେ ମ୍ୟାଚ ଅନୁଜା-ପୂର୍ବା ଓ ହର୍ଷିତା-ଶ୍ରୁତିଙ୍କ ଯୋଡି ପରସ୍ପରକୁ ଭେଟିଥିଲେ । ଶେଷରେ ହର୍ଷିତା-ଶ୍ରୁତିଙ୍କ ଜୋଡି ଚମତ୍କାର ଖେଳ ପ୍ରଦର୍ଶନ କରି ଫାଇନାଲ ମୁକୁଟ ପିନ୍ଧିଥିଲେ । ମିଶ୍ରିତ ଯୁଗଳ ବର୍ଗ ଫାଇନାଲ ମ୍ୟାଚରେ ଅବିନାଶ-ଅନୁଜାଙ୍କ ଯୋଡିଙ୍କୁ ଅଭିଜିତ-ହର୍ଷିତାଙ୍କ ଯୋଡି ମାତ୍ ଦେଇଥିଲେ।

ସାଙ୍ଗଠନିକ ସମ୍ପାଦକ ସୁରୁଲାଲ ମଟାରୀଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ ରାଜ୍ୟର ବ୍ୟାଡମିଣ୍ଟନ ଖେଳାଳିଙ୍କ ଉନ୍ନତି ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବଲାଙ୍ଗୀର ଡିଏଫ୍‌ଓ ନୀତିଶ କୁମାର ଓ ଧର୍ମେନ୍ଦ୍ର ନନ୍ଦ ଯୋଗ ଦେଇଥିଲେ। ଜିଲା ବ୍ୟାଡ଼ମିଣ୍ଟନ ସଂଘ ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପସଭାପତି ଘନଶ୍ୟାମ ମିଶ୍ର, ଭେନ୍ୟୁ ଇନଚାର୍ଜ ଅନନ୍ତ ବେହେରା, ଏକମୋଡେସନ ଇନଚାର୍ଜ ମାନସ ମହାନ୍ତି, ଫୁଡ ଇନଚାର୍ଜ ସୁଶାନ୍ତ ଚୋପଦାର, ବାସୁଦେବ ବେହେରା, ସୁଧୀର ପଣ୍ଡା, କବିଚନ୍ଦ୍ର ଠାକୁର, ଗୌରାଙ୍ଗ ରାଉତ, ଲୋପନ ମିଶ୍ର, ଜୋନାଲ କୋଅର୍ଡିନେଟର ଦେବାଶିଷ ମିଶ୍ର, ମ୍ୟାଚ କୋଅର୍ଡିନେଟର ସୁରେନ୍ଦ୍ର ନେପାଲ ଓ ଆଦିତ୍ୟ କେଜ୍ରିୱାଲ ଉଦ୍‌ଯାପନୀ ଉତ୍ସବ ଦାୟିତ୍ୱ ତୁଲାଇ ଥିଲେ।

# ରାଜ୍ୟ ସିନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ

## ପାରସ ଏକକ ଚାମ୍ପିୟନ, ଶ୍ରୁତିଙ୍କୁ ଦ୍ୱିମୁକୁଟ

■ ହର୍ଷିତା-ଶ୍ରୁତି, ଅଭିଜିତ-ହର୍ଷିତା ଓ ଅମ୍ଳାନ-ତନ୍ମୟଙ୍କୁ ଯୁଗଳ ଟାଇଟଲ

ବଲାଙ୍ଗୀର ଅଫିସ,୧୭।୧

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ବ୍ୟାଡମିଣ୍ଟନ ଇନ୍‌ଡୋର ଷ୍ଟାଡିୟମଠାରେ ଚାଲିଥିବା ଓଡିଶା ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ପାରସ ମାଥୁର ପୁରୁଷ ଏକକ ଚାମ୍ପିୟନ ହୋଇଛନ୍ତି। ଶ୍ରୁତି ସ୍ୱାଇଁ ଉଭୟ ଏକକ ଓ ଯୁଗଳ ବର୍ଗରେ ଫାଇନାଲ ଜିତି ଦ୍ୱିମୁକୁଟ ହାସଲ କରିଛନ୍ତି। ସେହିପରି ହର୍ଷିତା-ଶ୍ରୁତି ମହିଳା ଯୁଗଳ ବର୍ଗ, ହର୍ଷିତା-ଅଭିଜିତ ମିଶ୍ରିତ ଯୁଗଳ ବର୍ଗ ଓ ଅମ୍ଳାନ-ତନ୍ମୟ ପୁରୁଷ ଯୁଗଳ ବର୍ଗରେ ଟାଇଟଲ ଜିତିଛନ୍ତି। ସମସ୍ତ ବର୍ଗର ସେମି ଫାଇନାଲ ଓ ଫାଇନାଲକୁ ନେଇ ସମୁଦାୟ ୧୩ଟି ମ୍ୟାଚ ଖେଳା ଯାଇଥିଲା। ପୁରୁଷ ଏକକ ବିଭାଗରେ ପାରସ, ଆର୍ଯ୍ୟ ଓ ସୁମନ୍ତ, ସ୍ୱାଧୀନଙ୍କୁ ହରାଇ ଫାଇନାଲରେ ପହଞ୍ଚିଥିଲେ। ଫାଇନାଲରେ ପାରସ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ସୁମନ୍ତଙ୍କୁ ହରାଇ ପୁରୁଷ ଏକକ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ୍‌ଶିପ୍‌ରେ ସଫଳ ହୋଇଥିବା ଖେଳାଳି।

ପୁରୁଷ ଯୁଗଳ ବିଭାଗରେ ଅମ୍ଳାନ-ତନ୍ମୟ ଓ ଅଭିଜିତ-ଅମ୍ରିତଙ୍କ ଯୋଡିମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରୋମାଞ୍ଚକର ଫାଇନାଲ ଖେଳରେ ଅମ୍ଳାନ- ତନ୍ମୟ ଯୋଡି ବାଜି ମାରି ନେଇଥିଲେ। ମହିଳା ଏକକ ବର୍ଗ ସେମିଫାଇନାଲରେ ହର୍ଷିତା ଗୀତାଶ୍ରୀଙ୍କୁ ଓ ଶ୍ରୁତି ସ୍ୱାଗତିକାଙ୍କୁ ହରାଇ ଫାଇନାଲରେ ପଦାର୍ପଣ କରିଥିଲେ । ଫାଇନାଲରେ ଶ୍ରୁତି ପ୍ରତିଦ୍ୱନ୍ଦ୍ୱୀ ହର୍ଷିତାକୁ ପରାସ୍ତ କରି ବିଜୟ ହୋଇଥିଲେ। ମହିଳା ଯୁଗଳ ବିଭାଗ ଫାଇନାଲରେ ମ୍ୟାଚ ଅନୁଜା-ପୂର୍ବା ଓ ହର୍ଷିତା-ଶ୍ରୁତିଙ୍କ ଯୋଡି ପରସ୍ପରକୁ ଭେଟିଥିଲେ । ଶେଷରେ ହର୍ଷିତା-ଶ୍ରୁତିଙ୍କ ଜୋଡି ଚମତ୍କାର ଖେଳ ପ୍ରଦର୍ଶନ କରି ଫାଇନାଲ ମୁକୁଟ ପିନ୍ଧିଥିଲେ । ମିଶ୍ରିତ ଯୁଗଳ ବର୍ଗ ଫାଇନାଲ ମ୍ୟାଚରେ ଅବିନାଶ-ଅନୁଜାଙ୍କ ଯୋଡିଙ୍କୁ ଅଭିଜିତ-ହର୍ଷିତାଙ୍କ ଯୋଡି ମାତ୍ ଦେଇଥିଲେ। ସାଙ୍ଗଠନିକ ସମ୍ପାଦକ ସୁବ୍ରତଲାଲ ମଟାରୀଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ ରାଜ୍ୟର ବ୍ୟାଡମିଣ୍ଟନ ଖେଳାଳିଙ୍କ ଉନ୍ନତି ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବଲାଙ୍ଗୀର ଡିଏଫ୍‌ଓ ନୀତିଶ କୁମାର ଓ ଧର୍ମେନ୍ଦ୍ର ନନ୍ଦ ଯୋଗ ଦେଇଥିଲେ। ଜିଲା ବ୍ୟାଡ଼ମିଣ୍ଟନ ସଂଘ ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପସଭାପତି ଘନଶ୍ୟାମ ମିଶ୍ର, ଭେନ୍ୟୁ ଇନଚାର୍ଜ ଅନନ୍ତ ବେହେରା, ଏକମୋଡେସନ ଇନଚାର୍ଜ ମାନସ ମହାନ୍ତି, ଫୁଡ ଇନଚାର୍ଜ ସୁଶାନ୍ତ ଚୋପଦାର, ବାସୁଦେବ ବେହେରା, ସୁଧୀର ପଣ୍ଡା, କବିଚନ୍ଦ୍ର ଠାକୁର, ଗୌରାଙ୍ଗ ରାଉତ, ଲୋପନ ମିଶ୍ର, ଜୋନାଲ କୋଅର୍ଡିନେଟର ଦେବାଶିଷ ମିଶ୍ର, ମ୍ୟାଚ କୋଅର୍ଡିନେଟର ସୁରେନ୍ଦ୍ର ନେପାଲ ଓ ଆଦିତ୍ୟ କେଜ୍ରିୱାଲ ଉଦ୍‌ଯାପନୀ ଉତ୍ସବ ଦାୟିତ୍ୱ ତୁଲାଇ ଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ରଞ୍ଜନ


@ ସତ୍‌ମନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଡକ ସୁରକ୍ଷା ସପ୍ତାହ

ବୌଦ୍ଧ,୧୭।୧(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ମଙ୍ଗଳବାର ସଡକ ସୁରକ୍ଷା ସପ୍ତାହର ଉଦଯାପନୀ ଦିବସରେ ଏକ ସଚେତନତା ରାଲି ଓ ସଭା ଅନୁଷ୍ଠିତ ହୋଇଥିଲା । ଜିଲା ଆଞ୍ଚଳିକ ପରିବହନ ବିଭାଗ, ଜିଲା ପ୍ରଶାସନ, ଜିଲା ପୋଲିସ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ବିଭିନ୍ନ ରାଲି ସହର ପରିକ୍ରମା କରିଥିଲା । ଜିଲାପାଳ ସତ୍ୟ ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ସଚେତନ ରାଲିର ଶୁଭାରମ୍ଭ କରିଥିଲେ । ଜିଲା ଡ୍ରାଇଭର ମହାସଂଘର ସଭାପତି , ଜିଲା ଟ୍ରକ ମାଲିକ ସଂଘର ସଭାପତି ଓ ସଦସ୍ୟମାନେ ରାଲିରେ ସାମିଲ ହୋଇଥିଲେ । ସେହିପରି ଜିଲା ପୋଲିସ ପକ୍ଷରୁ ଆୟୋଜିତ ରାଲିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ସାଧାରଣ ଜନତା ସାମିଲ ହୋଇଥିଲେ । ଏନେଇ ଟାଉନ ହଲଠାରେ ଏମଭିଆଇ ମିଲି ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲା ଟ୍ରକ ମାଲିକ ସଂଘର ସଭାପତି ଶିବ ପ୍ରସାଦ ମିଶ୍ର , ସାଧାରଣ ସଂପାଦକ ସ୍ୱାଧୀନ ବିଶ୍ୱାଳ, ଜିଲା ଡ୍ରାଇଭର ମହାସଂଘର ସଭାପତି ବିପିନ ବିହାରୀ ବ୍ରହ୍ମା ଯୋଗଦେଇ ସଡକ ସୁରକ୍ଷା ନେଇ ମତବ୍ୟକ୍ତ କରିଥିଲେ ।

# ପଞ୍ଚମ ଦିବସରେ ଅଷ୍ଟମଲ୍ଲ ନିଧନ, ରଙ୍ଗସଭା ଆୟୋଜନ

## ଗମ୍ଭାରିପାଲି ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ

ଡୁଙ୍ଗୁରିପାଲି,୧୭।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଗମ୍ଭାରିପାଲିଠାରେ ଚାଲିଥିବା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ପଞ୍ଚମ ଦିବସରେ କଂସ ଦରବାରରେ ଅଷ୍ଟ ମଲ୍ଲ ନିଧନ, କାଳୀ ଶରଣାର୍ଥେ କଂସ ମର୍ମାହତ ଓ ନାରଦଙ୍କ ଦ୍ୱାରା ରଙ୍ଗସଭା ଆୟୋଜନ ପୁରାଣ କଥାବସ୍ତୁକୁ ନେଇ ଅଭିନୀତ ହୋଇଥିଲା । କରୋନା କଟକଣାର ଦୁଇ ବର୍ଷ ପରେ ପୁଣି ଧନୁଯାତ୍ରା ମହୋତ୍ସବ ଆରମ୍ଭ ହୋଇଥିବାରୁ ଦର୍ଶକଙ୍କ ମଧ୍ୟରେ ଆନନ୍ଦ


କଂସ ଦରବାରରେ ଯୋଗ ଦେଇଥିବା ଅତିଥି ବୃନ୍ଦ ।

ଉଲ୍ଲାସ ଦେଖାଦେଇଛି । ସୋମବାର ପଞ୍ଚମ ଦିବସରେ କଂସ ଦରବାରକୁ ରାଜକୀୟ ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ସମିତି ସଭ୍ୟ ସଂଘର ଶିବାଞ୍ଜଳି ପଣ୍ଡା, ବିଷ୍ଣୁ ଦଣ୍ଡସେନା, ଟିକେଶ୍ୱର ବଡେଇ, ବନବସ ଭୁଏ, ସୁମନ୍ତ ସାହୁ, ଧର୍ମେନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ । କଂସ ଦରବାରରେ ଯାତ୍ରା କମିଟିର ସଭାପତି ଜଗନ୍ନାଥ ପୂଜାରୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ । ମହାମନ୍ତ୍ରୀ ଭୂମିକାରେ ସୋନପୁର ଫପସୀ ଗ୍ରାମର ବିଜି ସାଣ୍ଡ ଅଭିନୟ କରିଥିବା ବେଳେ କଂସ ଭୂମିକାରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ସାରସମାଲ ଗ୍ରାମର ମଞ୍ଚ କଳାକାର ମନୋରଞ୍ଜନ ଚୀରଗୁଣଙ୍କ ନିଖୁଣ ଅଭିନୟ ଦର୍ଶକମାନଙ୍କ ମନ ମୋହିଥିଲା । କଂସ ଦରବାରରେ ବରଗଡର ମାଷ୍ଟର ଦୟା ଓ ସୁରେନ ସଂଗୀତ କଳା ପରିଷଦର ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଆଲବମ କଳାକାରମାନଙ୍କ ନୃତ୍ୟ ଗୀତ ପରିବେଷଣ ହୋଇଥିଲା । ଯାତ୍ରା କମିଟିର ସମ୍ପାଦକ ସୁବାଷ ମଲ୍ଲିକ, ଦଶରଥ ବିଶି, ଦୀନବନ୍ଧୁ ବରିହା, ସୁରେନ୍ଦ୍ର ବରିହା, ଶରତ ଚନ୍ଦ୍ର ବରିହା, ପୁରାନ ମଲ୍ଲିକ, ଜଗନ୍ନାଥ ସେଠ, ଗୁଣନିଧି ଦୀପଙ୍କ ସହ ଯାତ୍ରା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ ।

# ତୀର୍ଥଯାତ୍ରାରେ ଗଲେ ୫୨ ବରିଷ୍ଠ ନାଗରିକ



ଶୁଭାରମ୍ଭ ଅବସରରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ସୋନପୁର,୧୭।୧(ନି.ପ୍ର.)

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜିଲାର ୫୨ ଜଣ ବରିଷ୍ଠ ତୀର୍ଥ ଯାତ୍ରୀଙ୍କୁ ନେଇ ବାହାରିଥିବା ବସକୁ ଜିଲାପାଳ ଅବୋଲି ସୁନୀଲ ନରୱଣେ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିବା ସହ ସଫଳ ଯାତ୍ରା ନିମନ୍ତେ ଶୁଭକାମନା କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶିପୁନମ ମିଞ୍ଜ, ଡେପୁଟି କଲେକ୍ଟର ଆନନ୍ଦ ପଣ୍ଡା ତଥା ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ବରିଷ୍ଠ ତୀର୍ଥ ଯାତ୍ରୀଙ୍କ ତୀର୍ଥ ଭ୍ରମଣ ନିମନ୍ତେ ଶୁଭ କାମନା କରି ଉତ୍ସାହିତ କରିଥିଲେ । ଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ସହଦେବ ମେହେର ଓ କପିଳେଶ୍ୱର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାରୁ ବରିଷ୍ଠ ତୀର୍ଥ ଯାତ୍ରୀଙ୍କୁ ନେଇ ବାହାରିଥିବା ଏହି ବସ ମଙ୍ଗଳବାର ସନ୍ଧ୍ୟାରେ ସମ୍ବଲପୁରରେ ପହଞ୍ଚିବ । ବୁଧବାର ସକାଳେ ସ୍ୱତନ୍ତ୍ର ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଟ୍ରେନ ଜିଲାର ୫୨ଜଣ ବରିଷ୍ଠ ତୀର୍ଥ ଯାତ୍ରୀଙ୍କ ସହ ରାଜ୍ୟର ଅନ୍ୟ ୯ ଟି ଜିଲାର ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀଙ୍କୁ ନେଇ ବୃନ୍ଦାବନ, ମଥୁରା ଓ ଆଗ୍ରା ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି ।

# ବରଘାଟକୁ ହରାଇ ରେ.ବଡ଼ମାଳ ସେମିରେ

## ଅମରପାଲି ପ୍ରିମିୟର ଲିଗ୍ କ୍ରିକେଟ

ଅମରପାଲି,୧୭।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଜେମସ ଷ୍ଟାର କ୍ଲବ ଆନୁକୂଲ୍ୟରେ ହେଉଥିବା ଅମରପାଲି ପ୍ରିମିୟର ଲିଗ୍ କ୍ରିକେଟର ମଙ୍ଗଳବାର ମ୍ୟାଚରେ ବରଘାଟକୁ ହରାଇ ରେ.ବଡମାଳ ଦଳ ସେମି ଫାଇନାଲରେ ପ୍ରବେଶ କରିଛି । ମଙ୍ଗଳବାର ପ୍ରଥମ ମ୍ୟାଚ ରେ.ବଡମାଳ ଓ ସାହାଜଲଥା ମଧ୍ୟରେ ହୋଇଥିଲା। ସାହାଜଲଥା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୧୬ ରନ ସଂଗ୍ରହ କରିଥିଲା । ଜବାବରେ ରେ.ବଡମାଳ ଦଳ ୧୦ ଓଭରରେ ୪ ଉଇକେଟ ହରାଇ ୧୧୭ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବରଘାଟ ଓ ଅଚଣ୍ଡା ମଧ୍ୟରେ ହୋଇଥିଲା। ବରଘାଟ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା।


ବିଜୟୀ ରେ.ବଡମାଳ ଦଳ।

ଜବାବରେ ଅଚଣ୍ଡା ଦଳ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୯୪ ରନ ରନ କରି ପରାସ୍ତ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା ବରଘାଟ ଓ ଦ୍ୱିତୀୟ ମ୍ୟାଚର ବିଜେତା ରେ.ବଡମାଳ ମଧ୍ୟରେ ହୋଇଥିବା କ୍ୱାଟର ଫାଇନାଲ ମ୍ୟାଚରେ ବରଘାଟ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୮ଉଇକେଟ ହରାଇ ୬୦ ରନ କରିଥିଲା । ଜବାବରେ ରେ.ବଡମାଳ ଦଳ ଆବଶ୍ୟକ ୬୧ରନକୁ ୬ ଉଇକେଟ ହରାଇ ୬.୧ ଓଭରରେ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚଗୁଡିକରେ ତଥାଗତ ସାହୁ, ସମିତ ମାଝୀ, ଦିଲୀପ ପ୍ରଧାନ, ସୁମନ ସାହୁ ଅମ୍ପାୟାର, ଧନୁ ଭରାସାଗର ସ୍କୋରର ଏବଂ ଶ୍ରୀତମ ରଞ୍ଜନ ପ୍ରଧାନ ଓ ତଥାଗତ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧବାର ଦିନ ପ୍ରଥମ ସେମିଫାଇନାଲ ମ୍ୟାଚ ଗୁଦଗୁଦା ଓ ଚକାମୁଣ୍ଡା ଏବଂ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବଡମାଳ ଓ ଖୁଣ୍ଟୁଲାପାଲି ମଧ୍ୟରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାସ।

# କଳାବ୍ୟାଜ୍ ପିନ୍ଧି କାମ କଲେ ବ୍ଲକ କର୍ମଚାରୀ

ଟିଟିଲାଗଡ,୧୭।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଡିଆରଡ଼ିଏ ସମ୍ମିଳନୀ କକ୍ଷରେ ଗତ ୧୨ ତାରିଖରେ ଅନୁଷ୍ଠିତ ଜିଲା ପରିଷଦ ବୈଠକରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ବିଜୁ କେବିକେ ଯୋଜନା ଟଙ୍କା କଟାଯିବା ଓ ଫାଇଭ ଟି ସ୍କୁଲ ରୂପାନ୍ତରଣ କାମରେ ଅନିୟମିତତାକୁ ନେଇ ଜିଲାପାଳଙ୍କୁ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିଛନ୍ତି ଟିଟିଲାଗଡ ବ୍ଲକ କର୍ମଚାରୀ। ଘଟଣାକୁ ନିନ୍ଦା କରିବା ସହ ସେମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ ଜଣାଇଛନ୍ତି। ବିଡ଼ିଓ ନବୀନ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଏବିଡ଼ିଓ ମେନକା ମେହେର, ବରିଷ୍ଠ କିରାଣି ଗୋପାଳ ଦାସ, ପ୍ରକାଶ ସ୍ୱାଇଁ, ରଶ୍ମି ବେହେରା, ସରୋଜ କୁମ୍ଭାର, କେଦାର ରାଓ, ରାମେଶ୍ୱର ଛତର, ହରି ନାଗ, ଯୁଗଳ ସାହୁ, ତୌଫିକ ଅହମ୍ମଦ ପ୍ରମୁଖଙ୍କ ସହ ସମସ୍ତ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ କଳାବ୍ୟାଜ ପରିଧାନ କରି ପ୍ରତିବାଦ ଜଣାଇଥିଲେ।

# ମାହେଶ୍ୱରୀ ମନ୍ଦିରରେ ରତ୍ନମୁଦ ସ୍ଥାପନ

ଅମରପାଲି,୧୭।୧(ଡି.ଏନ.ଏ.)

ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ବଡ଼ବର୍ଡାକଟା ମାହେଶରୀ ମନ୍ଦିରରେ ରତ୍ନମୁଦ ସ୍ଥାପନା ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ମନ୍ଦିରର ରତ୍ନମୁଦ ସ୍ଥାପନା କରାଯାଇଥିଲା। ଏଥିରେ ମାହେଶ୍ୱରୀ ମନ୍ଦିର ପୂଜକ ଜଗନ୍ନାଥ ଦେହୁରୀ ପୂଜା କରିଥିବା ବେଳେ ଗାଁ ଗୌନ୍ତିଆ ଶିବନାରାୟଣ ମିଶ୍ର ଓ ଯୋଶବନ୍ତୀ ମିଶ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ବଳରାମ ପଣ୍ଡା,ଭକ୍ତରାମ ପୁରୋହିତ ସହଯୋଗ କରିଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ବୌଦ୍ଧ,୧୭।୧(ସ୍ୱ.ପ୍ର.)

ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର, ଶିକ୍ଷା ବିଭାଗ ତରଫରୁ ବୌଦ୍ଧ ପଞ୍ଚାୟତ ମହାବଦ୍ୟାଳୟଠାରେ ଛାତ୍ରୀମାନଙ୍କ ପାଇଁ ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ମହାବିଦ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ମହାବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ୨୦୧୩ ମସିହାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବିଷୟରେ ଛାତ୍ରୀମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ । ନୋଡାଲ ଅଫିସର ଅଧ୍ୟାପକ ପ୍ରବିର ଦାସ, ଛାତ୍ରୀମାନଙ୍କ ତାଲିମ ଦାୟିତ୍ୱରେ ଥିବା ଅଧ୍ୟାପିକା କ୍ରିଷ୍ଣା ସେଠୀ, ଅଧ୍ୟାପିକା କଲ୍ୟାଣୀ ସୁମନ ଉପସ୍ଥିତ ଥିଲେ । ତାଲିମଦାତା ଭାବରେ ସନ୍ଧ୍ୟାରାଣୀ ସାହୁ,ସ୍ୱାଗତିକା ପ୍ରଧାନ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ

ବଘିଆପଡା,୧୭।୧(ଡି.ଏନ.ଏ.)

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମେଣ୍ଟିମାଲ ସରକାରୀ ହାଇସ୍କୁଲ, ବଘିଆପଡାଠାରେ କିନ୍ନରମାନଙ୍କ ଅଧିକାର ଏବଂ ସାଧାରଣ ଲୋକଙ୍କ ସାମ୍ବିଧାନିକ ଅଧିକାର ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣର ସଚିବ ଚରଣଜିତ ଓରାମଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମେଣ୍ଟିମାଲ ହାଇସ୍କୁଲର ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକ ଓ କିନ୍ନରମାନେ ଯୋଗ ଦେଇଥିଲେ। ଏହାସହିତ ନାବାଳକ ନ୍ୟାୟ ବୋର୍ଡ ସଦସ୍ୟ ରାଜୀବ କୁମାର ନାଏକ ଏବଂ ମେଣ୍ଟିମାଲ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗଦେଇ ସମ୍ବିଧାନରେ ଉଲ୍ଲେଖ ହୋଇଥିବା ନାଗରିକମାନଙ୍କ


ଛାତ୍ରୀଛାତ୍ର ଓ କିନ୍ନର ।

ମୌଳିକ ଅଧିକାର, କର୍ତ୍ତବ୍ୟ ତଥା କିନ୍ନରମାନଙ୍କ ଅଧିକାର ଓ ସୁରକ୍ଷା ପାଇଁ ବିଭିନ୍ନ ଅଧିନିୟମ , ଯୋଜନା ଉପରେ ସଚେତନ କରାଇଥିଲେ। ଏହାଛଡା ଶିଶୁମାନଙ୍କୁ ଯୌନ ନିର୍ଯାତନା ଅପରାଧରୁ ସୁରକ୍ଷା ଦେବା ପାଇଁ ଆଇନ୨୦୧୨, ନାବାଳକ ନ୍ୟାୟ ଅଧିନିୟମ ଏବଂ ଶିଶୁମାନଙ୍କ ବିକାଶ ଏବଂ ସୁରକ୍ଷା ପାଇଁ ଗଠିତ ହୋଇଥିବା ବିଭିନ୍ନ ଆଇନ ଉପରେ ବିସ୍ତୃତ ଭାବରେ ବୁଝାଯାଇଥିଲା।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି,୧୭।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିଠାରେ ସଡକ ସୁରକ୍ଷା ସପ୍ତାହର ଶେଷ ଦିବସରେ ମଙ୍ଗଳବାର ଅପରାହ୍ନରେ ଜିଲା ଟ୍ରକ ମାଲିକ ସଂଘ, ଟ୍ୟାକ୍ସି ସଂଘ ଓ ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ପରବହନ ଅଧିକାରୀ ଅକ୍ଷୟ କୁମାର ଜେନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଜାତୀୟ ରାଜପଥର ଶିବମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ଡୁଙ୍ଗୁରିପାଲି ସହର ପରିକ୍ରମା କରି ଆରଏମସି ଛକରେ ପହଞ୍ଚିଥିଲା । ଗାଡିରେ ଯିବା ବେଳେ ହେଲମେଟ ପରିଧାନ କରିବା, ମଦ ପାନ କରି ଗାଡି ନ ଚଳାଇବା, ଦ୍ରୁତ ଗାଡି ଚାଳନା ନ କରିବା, ବିଶେଷ କରି ଗାଡି ଚାଳନା ବେଳେ ମୋବାଇଲ



-ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ଫୋନ ବ୍ୟବହାର ନ କରିବାକୁ ସଚେତନ କରାଯାଇଥିଲା । ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରାରେ ଡୁଙ୍ଗୁରିପାଲିର ୧୦୦ ଜଣ ଗାଡିଚାଳକ ଯୋଗଦେଇ ସଡକ ସୁରକ୍ଷା ଉପରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲା ଟ୍ରକ ମାଲିକ ସଂଘର ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଓ ସଂପାଦକ ଜ୍ୟୋତି ପ୍ରକାଶ ମିଶ୍ର ପରିଚାଳନା କରିଥିଲେ । ଆଞ୍ଚଳିକ ପରିବହନ ଟ୍ରାଫିକ ସବ୍‌ଇନ୍ସପେକ୍ଟର ପୂଜାଭେଙ୍ଗରା , ଆନନ୍ଦ ଚନ୍ଦ୍ର ମିଶ୍ର, ଡୁଙ୍ଗୁରିପାଲି ପୋଲିସ ସାମିଲ ହୋଇଥିଲେ । ଶେଷରେ ଆଞ୍ଚଳିକ ଅଧିକାରି ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ଜମନକିରା,୧୭।୧(ଡି.ଏନ୍.ଏ.):** ଜମନକିରା ଥାନା ଭୋଜପୁର ରାସ୍ତାର ତୁଲୁବ ଘାଟିରେ ମଙ୍ଗଳବାର ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଶାଳପାଲି ଗ୍ରାମର ଯୋଗେଶ ସିଂ (୨୬)। ସୂଚନା ଅନୁଯାୟୀ, ଯୋଗେଶ ଏକ ଶୁଦ୍ଧି ଘର କାମରେ ବଡ଼ମାଲ ଗାଁକୁ ଯାଇ ବାଇକ୍ ଯୋଗେ ଫେରୁଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ତୁଲୁବ ଘାଟିରେ ଏକ ଘରୋଇ ବସ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଯୋଗେଶ ଗୁରୁତର ହୋଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ତାଙ୍କୁ କୁଚିଣ୍ଡା ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଜମନକିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବିବାହ ଭୋଜିରେ ରକ୍ତଦାନ ଶିବିର

**ରେଙ୍ଗାଲି,୧୭।୧(ଡି.ଏନ୍.ଏ.):** ବିବାହ ଭୋଜିରେ ରକ୍ତଦାନ ଶିବିର ଆୟୋଜନ କରି ପ୍ରଶଂସା ସାଉଁଟିଛନ୍ତି ରେଙ୍ଗାଲି ବ୍ଲକ ଘିଚାମୁରା ଗ୍ରାମର ଉମାକାନ୍ତ ତ୍ରିପାଠୀ। ସୋମବାର ଉମାକାନ୍ତ ଓ ସୁନନ୍ଦାଙ୍କ ବାହାଘର ଭୋଜି ଅନୁଷ୍ଠିତ ହୋଇଥିଲା। ଏହାକୁ ସ୍ମରଣୀୟ କରିବା ପାଇଁ ଉମାକାନ୍ତ ଏଭଳି ଆୟୋଜନ କରିଥିବା କହିଛନ୍ତି। ଏହି ଶିବିର ଆୟୋଜନରେ ରେଙ୍ଗାଲି ସ୍ୱାଧୀନ ଏକତା ସଂଗଠନ ସହଯୋଗ କରିଥିଲା। ଶିବିରରେ ନବ ବିବାହିତ ବର ପ୍ରଥମେ ରକ୍ତଦାନ କରିଥିଲେ। ଏଥିରେ ମୋଟ ୧୪ ୟୁନିଟ୍ ରକ୍ତ ସଂଗ୍ରହୀତ ହୋଇଥିଲା। ସମ୍ବଲପୁର ରକ୍ତଭଣ୍ଡାର କର୍ମଚାରୀ ଆସି ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାଧୀନ ଏକତା ସଂଗଠନ ସଭାପତି ରାଜୀବ ମିଶ୍ର, ପଦ୍ମନାଭ ଭୋଇ, ଦିବ୍ୟ କିଶୋର ସରାଫ, ପ୍ରଫୁଲ୍ଲ ଗହୀର, ହରିସ ସା, ନବୀନ ସାହୁ, ରାମ ସେନା ସହଯୋଗ କରିଥିଲେ। ଏପରି ଏକ ମହତ କାମ ପାଇଁ ଉମାକାନ୍ତଙ୍କୁ ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି।

### ଯୁବତୀଙ୍କ ଆତ୍ମହତ୍ୟା

**ବ୍ରଜରାଜନଗର,୧୭।୧(ଡି.ଏନ୍.ଏ.):** ବ୍ରଜରାଜନଗର ଥାନା ଅନ୍ତର୍ଗତ ରାଜପୁର ଗ୍ରାମରେ ଜଣେ ଯୁବତୀ ନିଜ ଓଢଣୀ ସାହାଯ୍ୟରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମଞ୍ଜରୀ (୨୨)। ସୂଚନା ଅନୁଯାୟୀ କୁଚିଣ୍ଡା ଥାନା ଅନ୍ତର୍ଗତ ଲାଇଡାହୁଡା ଗ୍ରାମ ମଞ୍ଜରୀ ମାମୁ ଘର ରାଜପୁରକୁ ଆସିଥିଲେ। ରବିବାର ମଧ ରାତ୍ରରେ ବାଡ଼ିପଟ ଶୌଚାଳୟରେ ଓଢଣୀ ସାହାଯ୍ୟରେ ଝୁଲୁଥିବା ମାମୁଘର ଲୋକେ ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି।

### ନିଆଁରେ ପୋଡ଼ିହୋଇ ବୃଦ୍ଧଙ୍କ ମୃତ୍ୟୁ

**କୁଚିଣ୍ଡା,୧୭।୧(ଡି.ଏନ୍.ଏ.):** କୁଚିଣ୍ଡା ଥାନା ବକ୍ସମା ଗ୍ରାମରେ ନିଆଁରେ ପୋଡି ହୋଇ ହଳଧର ନାଏକ(୬୨)ଙ୍କ ମୃତ୍ୟୁ ହୋଇଛି। ଏ ନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି। ହଳଧର ରାତିରେ ଖଟ ପାଖରେ ନିଆଁ ଜାଳି ଶୋଇଥିଲେ। କୌଣସି କାରଣରୁ ଭୋର ସମୟରେ ଖଟରେ ନିଆଁ ଲାଗିଯାଇଥିବା ବେଳେ ବୃଦ୍ଧ ଜଣକ ପୋଡି ହୋଇ ଗୁରୁତର ଆହତ ହୋଇଥିଲେ। ପଡୋଶୀଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କୁଚିଣ୍ଡା ମେଡକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

### ବାବୁପାଲି ପଥରଖାଦାନ ଜନଶୁଣାଣି

**ସମ୍ବଲପୁର,୧୭।୧(ବ୍ୟୁରୋ:** ସମ୍ବଲପୁର ଜିଲା ଯୁଯୁମୁରା ତହସିଲ ବାବୁପାଲି ମୌଜାରେ ପଥରଖାଦାନ ପାଇଁ ମଙ୍ଗଳବାର ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଯୁଯୁମୁରା ତହସିଲଦାର ଅଭିଷେକ ସାହୁଙ୍କ ଆବେଦନରେ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏଥିରେ ପଥରଖାଦାନକୁ ନେଇ ସମର୍ଥକ ଓ ବିରୋଧୀ ସେମାନଙ୍କ ପକ୍ଷ ରଖିଥିଲେ। ବାବୁପାଲି ଗ୍ରାମବାସୀ ଏହାକୁ ସମର୍ଥନ କରିଥିବା ବେଳେ ପଥରଖାଦାନ ନିକଟରେ ଥିବା ଜମି ମାଲିକ ଆକାଶ ସ୍ୱାଇଁ ଓ ଅନ୍ୟମାନେ ବିରୋଧ କରିଥିଲେ। ବିରୋଧୀଙ୍କ କହିବା କଥା ପଥର ଖାଦାନରେ ଅବାଧରେ ବ୍ଲାଷ୍ଟିଂ ହେଲେ ଲୋକଙ୍କ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେବ। ପ୍ରଦୂଷଣ ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ରମେଶ ଏକ୍କା, ସଦର ଉପଜିଲାପାଳ ପ୍ରଭାଶ ଡନସେନା, ପ୍ରଦୂଷଣ ବିଭାଗ ଅଧିକାରୀ ସତ୍ୟ ନାରାୟଣ ନନ୍ଦ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପ୍ରଦୂଷଣ ବିଭାଗ ଅଧିକାରୀ ନନ୍ଦ କହିଛନ୍ତି, ଜନଶୁଣାଣିରେ ସମସ୍ତ ପକ୍ଷ ରଖାଯାଇଛି। ଏହାକୁ ଭୁବନେଶ୍ୱର ପଠାଯିବ। ସେଠାରେ ବିଚାର କରି ଅନୁମତି ପ୍ରଦାନ କରାଯିବ।

**ଲାଗିଲା ପିଏମ୍ଏୱାଇ ସମ୍ଭାବ୍ୟ ତାଲିକା**

# ବାଦ୍ ପଡ଼ିପାରନ୍ତି ଯୋଗ୍ୟ ହିତାଧିକାରୀ

**ସମ୍ବଲପୁର,୧୭।୧(ବ୍ୟୁରୋ)**

୫ବର୍ଷିଆ ଦୀର୍ଘ ମିଆଦି ଯୋଜନାରେ ପିଏମ୍ଏୱାଇରେ ସମସ୍ତଙ୍କ ଘର ପକ୍କା ହୋଇଯିବ ବୋଲି କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ରହିଥିଲା। ହେଲେ ସମ୍ବଲପୁର ଜିଲାରେ ଲକ୍ଷ୍ୟ ପୂରଣ ହୋଇପାରି ନ ଥିଲା। ଏବେ ତାଲିକା ପ୍ରକାଶ ପରେ ଯୋଗ୍ୟ ହିତାଧିକାରୀଙ୍କ ମନରେ ଖୁସି ଦେଖିବାକୁ ମିଳିଛି। ହେଲେ ୨୦୧୭ରୁ ଆବେଦନ ଓ ସ୍କ୍ରୁଟିନି ହୋଇ ରହିଥିବା ତାଲିକା ଅନୁସାରେ ଧାର୍ଯ୍ୟଲକ୍ଷ୍ୟ ପୂରଣ ହେବା ନେଇ ସଂଶୟ ସୃଷ୍ଟି ହୋଇଛି। ୨୨,୩୪୫ ଚୟନ ହୋଇଥିବା ବେଳେ ଏବେ ଜିଲାର ୯ ବ୍ଲକରେ ପ୍ରାୟ ୧୮ହଜାର ହିତାଧିକାରୀଙ୍କୁ ଘର ମିଳିବ ବୋଲି ଅନୁମୋଦନ ହୋଇଛି। ଏହି ସଂଖ୍ୟା ଆଗକୁ ଆହୁରି କମିଯିବ ବୋଲି ମଧ ଆଶା ରହିଛି। ତେଣୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ରହିବେ ବୋଲି ଆଲୋଚନା ହେଉଛି।

ଅନ୍ୟପଟେ ପ୍ରତି ବ୍ଲକରେ ହିତାଧିକାରୀଙ୍କ ସମ୍ଭାବ୍ୟ ତାଲିକା ପ୍ରକାଶ ପାଇଛି। ପଞ୍ଚାୟତ ଓ ବ୍ଲକ ସ୍ତରର ଅଧିକାରୀମାନେ ପଞ୍ଚାୟତ ଅଫିସ, ଗ୍ରାମ କ୍ଲବ ଓ କମ୍ୟୁନିଟି ସେଣ୍ଟରରେ ତାଲିକା ଲଗାଇଛନ୍ତି। ୨୦୧୭ରେ ହୋଇଥିବା ଚୟନ ପରେ ଏବେ ଅନେକ ପରିବାର ଆର୍ଥିକ ସ୍ଥିତିରେ ସୁଧାର ଆସିଛି।



ଯୁଯୁମୁରା ବ୍ଲକ ଅଫିସ କାନ୍ଥରେ ତାଲିକା ଲଗାଉଛନ୍ତି କର୍ମଚାରୀ।

**ଡିସେମ୍ବର ୨୪ ଅଭିଯୋଗର ଶେଷ ତାରିଖ**

ତେଣୁ ଯେକେହି ଡିସେମ୍ବର ୨୪ ଭିତରେ ପଞ୍ଚାୟତ ସମିତି ଓ ପଞ୍ଚାୟତ ଅଫିସରେ ଅଭିଯୋଗ କରିପାରିବେ। ଏହାସହ ଅନ୍‌ଲାଇନରେ ମଧ ଅଭିଯୋଗ କରିବା ସୁବିଧା ରହିଛି। ଅଭିଯୋଗ ପାଇବା ପରେ ତଦନ୍ତ କରି ବିଚାର କରିବା ପାଇଁ ଏକ ପ୍ରତିନିଧି ଦଳ କରାଯାଇଛି। ସେମାନେ ହିତାଧିକାରୀଙ୍କ ଗ୍ରାମକୁଯାଇ ବାସ୍ତବତା ଜାଣି ସ୍ଥିର କରିବେ। ଏ ସମ୍ପର୍କରେ ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳ କହିଛନ୍ତି, ଆବେଦନକାରୀ ସଂଖ୍ୟା ଅନୁସାରେ ଯାହା ଧାର୍ଯ୍ୟଥିଲା ତା'ଠାରୁ କମ୍ ଘର ଆସିଛି। ବୃତାନ୍ତ ତାଲିକା ହୋଇପାରି ନାହିଁ। ଯାହା ଟାର୍ଗେଟ ଆସିବ ସେ ଅନୁସାରେ ତାଲିକା ପ୍ରସ୍ତୁତ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ୨୦୧୬ଠାରୁ ୨୦୨୧ ମସିହା ଭିତରେ ଘର ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ପ୍ରଥମ ୫ବର୍ଷିଆ ଯୋଜନାରେ ୭୨ ହଜାର ଆବେଦନ କରିଥିଲେ। ସେଥିମଧ୍ୟରୁ ୩୯ ହଜାର ୩୪୮ ଗୋଟି ଘର ମଞ୍ଜୁର ହୋଇଥିଲା। ପରେ ୨୦୧୮ରୁ ନୂତନ ଲକ୍ଷ୍ୟ ଆସିଲା ନାହିଁ। ଦୀର୍ଘ ୩ବର୍ଷ ହେବ ଜିଲାକୁ ମାତ୍ର ୧୪୫ ଘର ଆସିଥିବା ଜଣାପଡିଥିଲା। ମିଳିଥିବା ରିପୋର୍ଟ ଅନୁସାରେ ୨୦୧୧ ଜନଗଣନା ଅନୁସାରେ ହୋଇଥିବା ରିପୋର୍ଟକୁ ନେଇ ଆବାସ ଯୋଜନାରେ ସାମିଲ କରାଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଅନୁଦାନରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି।

### ମିଶନ ଶକ୍ତି ଋଣ ମେଳା: ୨୫୦ ଏସ୍ଏଚ୍‌ଜିଙ୍କୁ ୬.୯୮ କୋଟି

**ରେଢାଖୋଲ,୧୭।୧(ଡି.ଏନ୍.ଏ.)**

ରାଜ୍ୟ ସରକାର ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ମିଶନଶକ୍ତି ଗଠନ କରି ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି)ଙ୍କୁ ତାଲିମ ପ୍ରଦାନ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ମହିଳା ସଶକ୍ତୀକରଣ ଯୋଜନା ଅଧୀନରେ ମଙ୍ଗଳବାର ରେଢାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଋଣମେଳା ଆୟୋଜନ କରାଯାଇଥିଲା। ଏଥିରେ ବ୍ଲକର ୨୫୦ ଏସ୍ଏଚ୍‌ଜିର ପ୍ରାୟ ୫ଶହ ମହିଳା ଯୋଗ ଦେଇଥିଲେ। ରେଢାଖୋଲ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ ଯୋଗଦେଇ ୨୫୦ ଏସ୍ଏଚ୍‌ଜିଙ୍କୁ ୬ କୋଟି ୯୮ଲକ୍ଷ ଟଙ୍କା ଋଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡିପିଏମ୍ ଡ. ପୁଷ୍ପଶ୍ରୀ ନାୟକ, ମିଶନଶକ୍ତି ଡିପିସି ନିରଞ୍ଜନ ମିଶ୍ର, ଉପଜିଲାପାଳ ପବିତ୍ର ବେହେରା, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଉପାଧ୍ୟକ୍ଷା ଚିନ୍ମୟୀ ତ୍ରିପାଠୀ, ବିଡିଓ ମନୋଜ କୁମାର ମେହେର ପ୍ରମୁଖ ଯୋଗଦେଇଥିଲେ।

# ଘୁନଘୁଟି ପଡ଼ାବାସୀଙ୍କ ପାଇଁ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ

**ସମଲେଇ ଯୋଜନାରେ ବିସ୍ଥାପିତଙ୍କ ଆନ୍ଦୋଳନ ପ୍ରସଙ୍ଗ**

**ସମ୍ବଲପୁର,୧୭।୧(ବ୍ୟୁରୋ)**

ସମ୍ବଲପୁର ସମଲେଇ ଯୋଜନାରେ ବିସ୍ଥାପିତମାନଙ୍କୁ ଉଚିତ କ୍ଷତିପୂରଣ ଦିଆଯାଇ ନାହିଁ। ଏହି ଯୋଜନାରେ ଘୁନଘୁଡି ପଡାବାସୀ ବିଶେଷ ପ୍ରଭାବିତ ହୋଇଛନ୍ତି। କ୍ଷତିପୂରଣ ଓ ଥଇଥାନ ଦାବି ନେଇ ଆନ୍ଦୋଳନ କରିଆସୁଛନ୍ତି। ହେଲେ ପ୍ରଶାସନ କିମ୍ବା ରାଜ୍ୟ ସରକାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତୁରନ୍ତ ଏହାର ସମାଧାନ ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ମଙ୍ଗଳବାର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜନଜାତି ପଛୁଆବର୍ଗ ମିଳିତ ମଞ୍ଚ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜିଲା ପ୍ରଶାସନକୁ ଚେତାବନୀ ଦିଆଯାଇଛି।

ସେମାନେ ଅଭିଯୋଗ କରିଥିଲେ, ସମଲେଇ ଯୋଜନାରେ କ୍ଷତିପୂରଣ ଦେବାରେ ପାତରଅନ୍ତର କରାଯାଇଛି। ଏହାକୁ ନେଇ ଘୁନଘୁଟିପଡା ବାସୀ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପିଲାଛୁଆଙ୍କୁ ନେଇ ୯ଦିନ ହେଲା ଆନ୍ଦୋଳନ କରିଆସୁଛନ୍ତି। ୯ଜଣ ଅସୁସ୍ଥ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପ୍ରାୟ ୪୫୦ ବର୍ଷ ହେବ ଏହି ପଡାବାସୀ ସମଲେଇ ମନ୍ଦିର ନିକଟରେ ବସବାସ କରିଆସୁଛନ୍ତି। ପ୍ରଭାବଶାଳୀଙ୍କୁ ମନ୍ଦିର ନିକଟରେ ଅବସ୍ଥାପିତ କରାଯାଉଥିବା ବେଳେ ସେମାନଙ୍କୁ ସହରଠୁ ଦୂରରେ ଜମି ଦେବାକୁ ଯୋଜନା କରାଯାଉଛି। ବିସ୍ଥାପିତଙ୍କ ଘରକୁ ଜୋର ଜବରଦସ୍ତି ଭାଙ୍ଗି ଦିଆଯାଇଛି। ଏହାକୁ ନେଇ ଆର୍‌ଡିସି, ଜିଲାପାଳ, ଉପଜିଲାପାଳ, ଏସ୍ଏମ୍‌ସି କମିଶନରଙ୍କ ପାଖରେ ବାରମ୍ବାର ଅଭିଯୋଗ କରାଯାଇଛି। ହେଲେ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଗଲା ନାହିଁ। ଏହାକୁ ନେଇ ଆଗାମୀ ଦିନରେ ରାଜ୍ୟବାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ରାଜ୍ୟ ସଂଯୋଜକ ଅଭିରାମ ମଲ୍ଲିକ, ବାଲକିଶୋର ଗୋପବନ୍ଧୁ ଶିକା, ହେମନ୍ତ ଗର୍ଡିଆ, ହିମାଂଶୁ ବିଭାର, ଚନ୍ଦ୍ର ହାସ୍ୟ ଜାଲ, ସଂଗ୍ରାମ ମଲ୍ଲିକ, ମନୋଜ କଲେଜ, ପ୍ରଦିପ କୁମାର ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

### 'ଓଡ଼ିଶାର ସଂସ୍କୃତି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି'

**ଝାରସୁଗୁଡା ଅଫିସ,୧୭।୧**

**ଜିଲା ମହୋତ୍ସବର ଚତୁର୍ଥ ଦିବସ**

ଓଡ଼ିଶାର କଳା ସଂସ୍କୃତି ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଝାରସୁଗୁଡା ଜିଲା ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ଏହା କହିଛନ୍ତି। ଟିଆର୍‌ଏଲ୍ କ୍ରୋସାକୀ ନିର୍ବାହୀ ଉପସଭାପତି ଡ. ତାରାପଦ ଦାଶ ମହୋତ୍ସବ ଏକତାର ପ୍ରତୀକ ବୋଲି କହିଥିଲେ। ପିଡି (ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଶିକ୍ଷାବିତ ପ୍ରଶାନ୍ତ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିବା ବେଳେ କମିଟି କର୍ମକର୍ତ୍ତା ସୁରଙ୍ଗ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। କ୍ରିକେଟ ଖେଳାଳି ଶୋଭନ ଦେବ ଓ ସମ୍ବଲପୁରୀ ରାମ୍ପ ଶୋ ଡିଜାଇନର, ଡ଼ାଇରେକ୍ଟର ଓ କୋଅର୍ଡିନେଟରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଲୋକନୃତ୍ୟ, ଲୋକଗୀତରେ ଦୁଲୁକିଲା ମଞ୍ଚ

**ସମ୍ବଲପୁର ଲୋକମହୋତ୍ସବ ଉଦ୍‌ଯାପିତ**

**ସମ୍ବଲପୁର,୧୭।୧(ବ୍ୟୁରୋ)**

ସମ୍ବଲପୁର ପିଏଚ୍‌ଡି ପଡିଆରେ ପାଞ୍ଚଦିନ ବ୍ୟାପୀ ଚାଲିଥିବା ସମ୍ବଲପୁର ଲୋକ ମହୋତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପତି ହୋଇଯାଇଛି। ଲୋକବାଦ୍ୟ, ଲୋକନୃତ୍ୟ ଓ ଲୋକଗୀତରେ ମଞ୍ଚ ଦୁଲିକି ଉଠିଥିଲା। ଜାତୀୟ ଓ ଆନ୍ତର୍ଜାତୀୟ କଳାକାରଙ୍କ ସମବେତ (ଫ୍ୟୁଜନ) ହମସବ ଏକ ନୃତ୍ୟ ଓ ଗୀତ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆନମନା କରିଥିଲା। ମୁଖ୍ୟ ସଂଯୋଜକ ରଞ୍ଜନ କୁମାର ସାହୁ ସଂଯୋଜନାରେ ଉତ୍ସବ ହୋଇଥିଲା। ପଦ୍ମଶ୍ରୀ ହଳଧର ନାଗ, ହୀରାକୁଦ ହିଣ୍ଡାଲ୍‌କୋ ମୁଖ୍ୟ କୈଳାସ ପାଣ୍ଡେ, ଜେଏସ୍‌ଡବ୍ଲ୍ୟୁ ବିପିଏସ୍ଏଲ୍ ନିର୍ଦ୍ଦେଶକ ଅନୀଲ ସିଂ, ଆଦିତ୍ୟ ଆଲୁମିନିୟମ ସଭାପତି ଓ ସମୂହ ମୁଖ୍ୟ ସମୀର ନାଏକ, ଶ୍ୟାମମେଟାଲିକ ନିର୍ଦ୍ଦେଶକ ଡି.କେ. ତିୱାରୀ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପାରମ୍ପରିକ ଲୋକକଳା ଶିଳ୍ପୀ ଯମୁନା ବିଶ୍ୱାଳ ଓ ଲୋକନୃତ୍ୟ ଶିଳ୍ପୀ ଗାନ୍ଧୀ ବାରିକଙ୍କୁ ମାନପତ୍ର, ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାପାଳ ତଥା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଅନନ୍ୟା ଦାସ ମହୋତ୍ସବ ଉଦଯାପନୀର ବାର୍ତ୍ତା ଦେଇଥିଲେ। ଲୋକମହୋତ୍ସବ ନୋଡାଲ ଅଫିସର ତଥା ସମ୍ବଲପୁର ମହାନଗର କମିସନର ପ୍ରଦୀପ କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ଦିପକ କୁଲୁ ଉପସ୍ଥିତ ଥିଲେ। ସଙ୍ଗୀତ ନିର୍ଦ୍ଦେଶକ ରତନ ପୂଜାରୀଙ୍କ ସ୍ୱର ସଂଯୋଜନାରେ ଲୋକଗୀତ କାର୍ଯ୍ୟକ୍ରମ ହୋଇଥିଲା। ଜିଲା, ରାଜ୍ୟ, ଦେଶ ଓ ବିଦେଶୀ କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ।



ଲୋକମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

### ପରାଜିତ ୱାର୍ଡସଭ୍ୟା ଅଦାଲତରେ ବିଜୟୀ ଘୋଷିତ

**ରେଙ୍ଗାଲି,୧୭।୧(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଝଙ୍କରପାଲି ପଞ୍ଚାୟତର ୮ନଂ. ୱାର୍ଡ ପାଇଁ ୨୦୨୨ ଫେବୃୟାରୀ ୨୦ରେ ପଞ୍ଚାୟତ ନିର୍ବାଚନ ହୋଇଥିଲା। ଫଳାଫଳକୁ ଚ୍ୟାଲେଞ୍ଜ କରି ପରାଜିତ ୱାର୍ଡ ସଭ୍ୟା ପ୍ରାର୍ଥୀ ଜୟନ୍ତୀ କିଷାନ ସିଭିଲ ଜଜ୍ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ନିର୍ବାଚନ ମିସ୍ କେସ ନଂ.୦୨-୨୦୨୨, କୋଡ଼ ନଂ.ଓଡ଼ି ୦୯-୦୦୫୯୧ରେ ଦାୟର ହୋଇଥିବା ମାମଲାର ଶୁଣାଣି କରି ଅଦାଲତ ପରାଜିତ ପ୍ରାର୍ଥୀ ଜୟନ୍ତୀଙ୍କୁ ବିଜୟୀ ଘୋଷଣା କରିଛନ୍ତି। ସୂଚନା ଅନୁସାରେ ଗତ ପଞ୍ଚାୟତ ନିର୍ବାଚନରେ ଉକ୍ତ ୱାର୍ଡ ପାଇଁ ଜୟନ୍ତୀ ଓ ଅପ୍ସରୀ ମିର୍ଦ୍ଧାଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ୨୭।୨।୨୦୨୨ରେ ବ୍ଲକ ନିର୍ବାଚନ ଅଧିକାରୀ ଥିବା ରେଙ୍ଗାଲି ବିଡ଼ିଓ ଫଳାଫଳ ଘୋଷଣା କରିଥିଲେ। ଜୟନ୍ତୀ ୧୬୮, ଅପ୍ସରୀ ୧୬୭ ଓ ୩୯ଟି ଭୋଟ ନାକଚ ହୋଇଛି ବୋଲି ଏଜେଣ୍ଟମାନଙ୍କ ସମ୍ମୁଖରେ ଘୋଷଣା କରିଥିଲେ। କିନ୍ତୁ ୩।୩।୨୦୨୨ରେ ଜୟନ୍ତୀ ଜାଣିବାକୁ ପାଇଲେ ଯେ ଅପ୍ସରୀ ବିଜୟୀ ହୋଇଛନ୍ତି। ଏ ନେଇ ଜୟନ୍ତୀଙ୍କ ସ୍ୱାମୀ ଲକ୍ଷ୍ମଣ କିଷାନ ବିଡ଼ିଓଙ୍କୁ ଲିଖିତ ଆକାରରେ ପୁନଃ ଗଣତି ପାଇଁ କହିଥିଲେ। କିନ୍ତୁ ଏହା ତାଙ୍କ ସୀମା ବାହାରେ ବୋଲି ବିଡ଼ିଓ କହିଥିଲେ। ପରେ ଜୟନ୍ତୀ ଏହାକୁ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୁଣି ଥରେ ଭୋଟ ଗଣତି ହୋଇଥିଲା। ଏଥିରେ ଜୟନ୍ତୀ ୧୬୮, ଅପ୍ସରୀ ୧୬୬ ଓ ୪୦ଟି ଭୋଟ୍ ନାକଚ୍ ହୋଇଥିଲା। ପରେ କୋର୍ଟ ଜୟନ୍ତୀଙ୍କୁ ବିଜୟୀ ଘୋଷଣା କରିଥିଲେ।

# ରେଙ୍ଗାଲିରେ ବିଜେଡିର ରୌପ୍ୟ ଜୟନ୍ତୀ ସମାରୋହ

**ରେଙ୍ଗାଲି,୧୭।୧(ଡିଏନଏ)**

ବିଜୁ ଜନତା ଦଳ ପ୍ରତିଷ୍ଠାର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ସମାରୋହ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ମାନେଶ୍ୱର ବ୍ଲକର ସିନ୍ଦୂରପଙ୍କ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ରେଙ୍ଗାଲିର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ପଟୁଆ ସଭାପତିତ୍ୱ କରିଥିଲେ। ବିଜେଡି ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ଇଂ. ନଳିନୀକାନ୍ତ ପ୍ରଧାନ, ରାଜ୍ୟ ସାଧାରଣ ସମ୍ପାଦକ ତଥା ଭଟ୍‌ଲି ବିଧାୟକ ସୁଶାନ୍ତ ସିଂହ, ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ.ରୋହିତ ପୂଜାରୀ, ସମ୍ବଲପୁର ଜିଲା ସଭାପତି ଇଂ.ସିଦ୍ଧାର୍ଥ ଦାସ, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର କିଶୋର ପତି, ପୂର୍ବତନ ଜିଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର, ଚାଷୀ ନେତା ରାମସାଗର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରେ ମଜବୁତ କରିବା, ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଜନକଲ୍ୟାଣ ଯୋଜନାର ସୁଫଳ କିପରି ଅଞ୍ଚଳବାସୀ ପାଇବେ ସେ ଦିଗରେ ଆଲୋଚନା ହୋଇଥିଲା। ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ପୂର୍ବତନ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ଜିତେନ୍ଦ୍ର ପଣ୍ଡା, ସମ୍ବଲପୁର ଜିଲା ଏସ୍‌ଟି/ଏସ୍‌ସି ସେଲ ସଭାପତି ମୋତିଲାଲ ତନ୍ତୀ, ରାଜ୍ୟ ଯୁବ ସମ୍ପାଦକ ଇଂ.ଦିଲୀପ ଦୁରିଆ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ମହିଳା ବିଜେଡି ରାଜ୍ୟ ଉପସଭାନେତ୍ରୀ ଇଂ.ରୀନା ତନ୍ତୀ, ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ଉଷା ପ୍ରଧାନ, ମହିଳା ବିଜେଡି ରାଜ୍ୟ ଉପସଭାନେତ୍ରୀ କବିତା ପୁରୋହିତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସମ୍ବଲପୁର ଜିଲା ବିଜେଡି ଉପସଭାପତି କିରଣ ବେହେରା, ସାଧାରଣ ସମ୍ପାଦକ ଏମବି ସତୟେନ, ସାଧାରଣ ସମ୍ପାଦକ ସୁଧୀର ପାଣିଗ୍ରାହୀ, ରେଙ୍ଗାଲି ବ୍ଲକ ସଭାପତି ଅଶୋକ ଗୁରୁ, ଧନକଉଡ଼ା ବ୍ଲକ ସଭାପତି ଯତୀନ୍ଦ୍ର ସାହୁ, ମାନେଶ୍ୱର ବ୍ଲକ ସଭାପତି ଗୋପୀରାଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଅତିଷ୍ଠ ହେଉଛନ୍ତି ଲୋଇସିଂ ପଞ୍ଚାୟତବାସୀ

**ସମସ୍ୟା ସୃଷ୍ଟି କରୁଛି ଏନ୍‌ଟିପିସି ପାଉଁଶ ପୋଖରୀ**

**ଝାରସୁଗୁଡ଼ା ଅଫିସ,୧୭।୧**

ସୁନ୍ଦରଗଡ ଜିଲା ଦର୍ଲିପାଲିସ୍ଥିତ ଏନ୍‌ଟିପିସିର ବୃହତ ତାପଜ ବିଦ୍ୟୁତ୍ କେନ୍ଦ୍ର ପାଉଁଶ ପୋଖରୀ ଝାରସୁଗୁଡା ଜିଲା ସୀମାନ୍ତରେ ଗଢିଉଠିଛି। ଏହା ଦ୍ୱାରା ଝାରସୁଗୁଡ଼ା ଜିଲା ଲୋଇସିଂ ପଞ୍ଚାୟତବାସୀ ପ୍ରଭାବିତ ହେଉଛନ୍ତି। ପାଉଁଶ ପୋଖରୀରୁ ନିର୍ଗତ ପାଉଁଶ ମିଶ୍ରିତ ପାଣି ନାଳ, କଟା, ବନ୍ଧ ଓ ଚାଷଜମି ଆଦିରେ ମିଶି ପ୍ରଦୂଷିତ କରୁଛି। ଏହି ପାଣିକୁ ଲୋକେ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗ୍ରୀଷ୍ମଋତୁରେ ପ୍ରବଳ ମାତ୍ରାରେ ପାଉଁଶ ଉଡି ବାୟୁମଣ୍ଡଳକୁ ଦୂଷିତ କରିବା ସହ ଜନବସତି ଉପରେ ପଡୁଛି। ଫଳରେ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ସୋମବାର ରାତିରେ ପାଉଁଶ ପୋଖରୀରେ ପାଣି ଭର୍ତ୍ତି ହୋଇଯିବା ଫଳରେ ଏହି ପାଉଁଶ ପାଣି ଉଛୁଳି ନିକଟରେ ଥିବା ତିଲେଇମାଲ ଗ୍ରାମର ଟାଙ୍ଗରମୁଣ୍ଡା କଟା (ଜଳାଶୟ)ରେ ମିଶିଥିଲା। ସକାଳୁ ଗ୍ରାମବାସୀ ଏହା ଦେଖି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସରପଞ୍ଚ ସନାତନ ରୋହିଦାସ ଏହା ଜାଣିବା ପରେ ତହସିଲଦାର ଓ ସ୍ଥାନୀୟ ପୋଲିସକୁ ଜଣାଇଥିଲେ। ବ୍ରଜରାଜନଗର ଥାନା ପୋଲିସ୍ ଜଳାଶୟ ନିକଟରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲା। ପରେ ସ୍ଥାନୀୟ ବିଧାୟିକା ଅଲକା ମହାନ୍ତି, ସରପଞ୍ଚ ରୋହିଦାସ, ଏନ୍‌ଟିପିସି ଡିଜିଏମ୍ ଆର୍ ଆଣ୍ଡ ଆର୍ ସମୀର ଭଞ୍ଜ, ଆଲୋକ ରଣବିର, ବ୍ରଜରାଜନଗର ଓ ଭଷ୍ଣା ଥାନା ପୋଲିସ୍ ପହଞ୍ଚି ଆଲୋଚନା କରିଥିଲେ। ଏ ନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ଆଲୋଚନା କରାଯିବ। ଏଥିରେ ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଜିଲା ପ୍ରଶାସନର ନିଷ୍ପତ୍ତିକ୍ରମେ ତ୍ରିପାକ୍ଷିକ ଆଲୋଚନା ପାଇଁ ଦିନ ଧାର୍ଯ୍ୟ କରାଯିବ ବୋଲି କୁହାଯାଇଛି।



ଏନ୍‌ଟିପିସି ଅଧିକାରୀମାନେ ଗ୍ରାମବାସୀଙ୍କ ସହିତ ଆଲୋଚନା କରୁଛନ୍ତି।

